ସାଧାରଣ ଲୋକଙ୍କ ଖବରକାଗଜ


# ପର୍ଯ୍ୟବେକ୍ଷକ 25

PARYABEKHYAK पर्यवेक्षक

Vol.26 . No.307 Bhubaneswar Tuesday January 23 2024 | ୨୬ତମ ବର୍ଷ ସଂଖ୍ୟା-୩୦୭ ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୨୩, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

# ୫୦୦ ବର୍ଷର ବିବାଦ ପରେ ଅଯୋଧ୍ୟାରେ ରାମ ମନ୍ଦିର

ନୂଆଦିଲ୍ଲୀ, ୨୨।୧(ପି.ଏନ): ଅଯୋଧ୍ୟାରେ ସୋମବାର ଭବ୍ୟ ରାମ ମନ୍ଦିରର ପ୍ରତିଷ୍ଠା ହୋଇଛି। ରାମ ଲଲାଙ୍କ ପ୍ରାଣ ପ୍ରତିଷ୍ଠା କରାଯାଇଛି। ଏଥିପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ ବହୁ ସାଧୁସନ୍ଥ, ରାଜନେତା, ଶିଳ୍ପପତି, ସେଲେବ୍ରିଟି ଓ ବିଭିନ୍ନ ବର୍ଗର ଲୋକ ଉପସ୍ଥିତ ରହିଥିଲେ। ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ଆଜି ପୂରା ଦେଶରେ ଉତ୍ସବର ମାହୋଲ ଦେଖିବାକୁ ମିଳିଛି। ପ୍ରାୟ ୫୦୦ ବର୍ଷର ବିବାଦ ପରେ ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ କରାଯାଇ ରାମ ଲଲାଙ୍କ ପ୍ରାଣ ପ୍ରତିଷ୍ଠା କରାଯାଇଛି। ଏହି ବିବାଦର ସୂତ୍ରପାତ ହୋଇଥିଲା ୧୫୨୮ ମସିହାରେ। ତା'ପରେ ଏହି ବିବାଦ କେମିତି ବ?ିଲା, କ'ଣ ସବୁ ଘଟିଲା ଓ କେମିତି ମନ୍ଦିର ପ୍ରତିଷ୍ଠା ହେଲା, ଜାଣନ୍ତୁ ଚୁମ୍ବକରେ। ୧୫୨୮ ମସିହାରେ ବାବରଙ୍କ ଜଣେ ସେନାପତି ମୀର ବାକୀ ବାବ୍ରି ମସଜିଦ ନିର୍ମାଣ କରିଥିଲେ। ଏହିଠାରୁ ଆରମ୍ଭ ହୋଇଥିଲା ବିବାଦ। କିନ୍ତୁ ମୋଗଲ ଓ ନବାବଙ୍କ ଶାସନ ହେତୁ ହିନ୍ଦୁଙ୍କ ସ୍ୱର ତୀବ୍ର ହୋଇପାରି ନଥିଲା। ଊନବିଂଶ ଶତାବ୍ଦୀରେ ମୋଗଲମାନେ ଦୁର୍ବଳ ହେବା ପରେ ବ୍ରିଟିଶ ଶାସନ କାଳରେ ଏହି ବିବାଦ ପୁଣି ଜୋର ଧରିଥିଲା। ୧୮୫୮ରେ ନିହଙ୍ଗ ଶିଖମାନେ ବାବ୍ରି ମସଜିଦ ଭିତରେ ପଶି ଯାଇଥିଲେ। ସେମାନେ ମସଜିଦ ଭିତରେ ବିଭିନ୍ନ ସ୍ଥାନରେ 'ଶ୍ରୀ ରାମ' ଲେଖିଥିଲେ। ଏହା ଶ୍ରୀ ରାମଙ୍କ ଜନ୍ମସ୍ଥାନ ବୋଲି ପ୍ରମାଣିତ କରିବାକୁ ସେମାନେ ଚେଷ୍ଟା କରିଥିଲେ। ଏ ବିଷୟରେ କେବଳ ଶିଖ ଗ୍ରନ୍ଥଗୁଡିକରେ ଉଲ୍ଲେଖ କରାଯାଇନି, ଐତିହାସିକମାନେ ମଧ୍ୟ ଏ ବିଷୟରେ ସୂଚନା ଦେଇଛନ୍ତି। ସୁପ୍ରିମକୋର୍ଟ ୨୦୧୯ରେ ଅଯୋଧ୍ୟ ରାମ ମନ୍ଦିରକୁ ନେଇ ଦେଇଥିବା ଐତିହାସିକ ରାୟରେ ମଧ୍ୟ ଉଲ୍ଲେଖ କରିଥିଲେ ଯେ ନିହଙ୍ଗ ବାବା ଫକୀର ସିଂହ ଖାଲ୍?ସା ୨୫ ଜଣ ନିହଙ୍ଗ ଶିଖଙ୍କ ସହିତ ମସଜିଦ ପରିସରରେ ପଶିଥିଲେ ଓ ଏହି ସ୍ଥାନ ଭଗବାନ ରାମଙ୍କ ଜନ୍ମସ୍ଥାନ ବୋଲି ଦାବି କରିଥିଲେ। ୧୮୮୫ରେ ନିର୍ମ?ହୀ ଆଖଡାର ପୂଜକ ରଘୁବର ଦାସ ପ୍ରଥମ ଥର ପାଇଁ ଏହି ବିବାଦକୁ ନେଇ ମକଦ୍ଦମା ରୁଜୁ କରିଥିଲେ। ମସଜିଦର ବାହ୍ୟ ପ୍ରାଙ୍ଗଣରେ ଏକ ମନ୍ଦିର ନିର୍ମାଣ କରିବାକୁ ଅନୁମତି ଦେବାକୁ ସେ ଅନୁରୋଧ କରିଥିଲେ। ତାଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ଦିଆଯାଇଥିଲା। ଏହା ମଧ୍ୟରେ ବ୍ରିଟିଶ ପ୍ରଶାସନ ବିବାଦ ସ୍ଥଳ ଚାରିପଟେ ବାଡ ଦେଇ ପୂଜା କରିବା ପାଇଁ ହିନ୍ଦୁ ଓ ମୁସଲମାନଙ୍କ ପାଇଁ ଅଲଗା ସ୍ଥାନ ଚିହ୍ନଟ କରିଥିଲା। ୧୯୪୯ ମସିହା ଡିସେମ୍ବର ମାସ ୨୨ ତାରିଖର ରାତିରେ ବାବ୍ରି ମସଜିଦରେ ରାମ ଲଲାଙ୍କ ମୂର୍ତ୍ତି ଦେଖିବାକୁ ମିଳିଲା। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ହିନ୍ଦୁମାନେ ଦାବି କରିଥିଲେ ରାମ ଲଲାଙ୍କ ମୂର୍ତ୍ତି ସେଠାରେ ସ୍ୱୟଂ ପ୍ରକଟ ହୋଇଛନ୍ତି। ଏହା ପରେ ମାମଲା କୋର୍ଟକୁ ଯାଇଥିଲା।





## ରାମ ମନ୍ଦିର ପ୍ରତିଷ୍ଠା, ବିଜୟ ସହ ବିନୟର କ୍ଷଣ: ପ୍ରଧାନମନ୍ତ୍ରୀ



ଭୁବନେଶ୍ୱର, ୨୨।୧(ପି.ଏନ): ଶହ ଶହ ବର୍ଷ ଅପେକ୍ଷାରେ ଅନ୍ତ ଘଟିଲା। ଜନ୍ମଭୂମିରେ ବିରାଜିଲେ ପ୍ରଭୁ ଶ୍ରୀରାମ। କେବଳ ଅଯୋଧ୍ୟା ନୁହେଁ ସମଗ୍ର ଭାରତ ବର୍ଷ ଆଜି ରାମମୟ ହୋଇଯାଇଛି। ମୁଖ୍ୟ ଯଜମାନ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଭୁଙ୍କ ପ୍ରାଣ ପତିଷ୍ଠା କରାଇଛନ୍ତି। ଏହାପରେ ଦେଶବାସୀଙ୍କୁ ସମ୍ବୋଧିତ କରି 'ରାମ ଆସିଗଲେ, ରାମ ଆସିଗଲେ' ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ।ରାମ ଆଉ ଟେଣ୍ଟ ଘରେ ନୁହେଁ, ମନ୍ଦିରରେ ରହିବେ। ସମୟର କାଳଚକ୍ରରେ ଆଜିର ଦିନ କାଳ କାଳ ପାଇଁ ସାକ୍ଷୀ ହୋଇ ରହିବ। ହଜାର ବର୍ଷ ପରେ ବି ଲୋକେ ଆଜିର ତାରିଖକୁ ଚର୍ଚ୍ଚା କରିବେ। ଆମେ ଅତ୍ୟନ୍ତ ଭାଗ୍ୟବାନ, ଏହି ମୁହୂର୍ତ୍ତକୁ ଦେଖୁଛୁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ଅଯୋଧ୍ୟାଠାରୁ ୧୦୦୦ କିମି ଦୂରରେ ଲୋକାର୍ପିତ ହେଲା ଆଉ ଏକ ଭବ୍ୟ ରାମ ମନ୍ଦିର




ଭୁବନେଶ୍ୱର, ୨୨।୧(ପି.ଏନ): ପ୍ରଭୁ ଶ୍ରୀରାମଙ୍କ ଜନ୍ମଭୂମି ଅଯୋଧ୍ୟାଠାରୁ ପ୍ରାୟ ୧୦୦୦ କିମି ଦୂରରେ ଲୋକାର୍ପିତ ହୋଇଛି ଆଉ ଏକ ଭବ୍ୟ ଓ ଦିବ୍ୟ ରାମ ମନ୍ଦିର। ହୋମଯଜ୍ଞ ଓ ମନ୍ତ୍ର ଧ୍ୱନୀ ଭିତରେ ଆଜି ଫତେଗଡ ରାମ ମନ୍ଦିରରେ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ହୋଇଛି। ପ୍ରଭୁଙ୍କ ଏହି ଦିବ୍ୟ ବେଶ ଦେଖି କୃତ୍ୟକୃତ ହେଉଛନ୍ତି ହଜାର ହଜାର ଶ୍ରଦ୍ଧାଳୁ। ହେଲେ ପ୍ରାଣ ପ୍ରତିଷ୍ଠା ଉତ୍ସବରେ ସାମିଲ୍? ହେବାକୁ କଥା ଦେଇ ଅସିଲେନି ପୁରୀ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ରାଜଧାନୀ ଭୁବନେଶ୍ୱରଠାରୁ ୭୦ କିମି ଓ ନୟାଗଡଠାରୁ ପ୍ରାୟ ୩୫ କିମି ଦୂରରେ ରହିଛି ଫତେଗଡ ଗାଁ। ସେହି ଗାଁକୁ ସୁରକ୍ଷା ଦେଇ କେଉଁ କାଳରୁ ଛିଡା ହୋଇଛି ଫତେଗଡ ପାହାଡ। ସବୁଜିମାରେ ଆଚ୍ଛାଦିତ ଏହି ପାହାଡ ଉପରେ ରହିଛି ଭାଗବତ ପୀଠ। ସେଇଠି ତିଆରି ହୋଇଛି ପ୍ରଭୁ ଶ୍ରୀରାମଙ୍କ ଭବ୍ୟ ଓ ଦିବ୍ୟ ମନ୍ଦିର। ଫତେଗଡ ଗାଁ ଲୋକ ଓ ଅନ୍ୟ ବଦାନ୍ୟ ବ୍ୟକ୍ତିଙ୍କ ଦାନ ଅର୍ଥରେ ଏହି ବିଶାଳ ମନ୍ଦିର ନିର୍ମାଣ କରାଯାଇଛି।

# ୩୮ ଆଇଏଏସ୍ ଅଫିସରଙ୍କ ବଦଳି: ଚର୍ଚ୍ଚାରେ ପୁରୀ-କଟକ-ଖୋର୍ଦ୍ଧା ଓ କେନ୍ଦୁଝର ଜିଲ୍ଲାପାଳଙ୍କ ବଦଳି




ଭୁବନେଶ୍ୱର, ୨୨।୧(ପି.ଏନ): ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ଆଜି ଆଇଏଏସ୍ ଅଫିସରସ୍ତରରେ ବଡଧରଣର ଅଦଳବଦଳ କରିଛନ୍ତି। ୧୭ ଜିଲ୍ଲାର ଜିଲ୍ଲାପାଳଙ୍କର ବଦଳି ହୋଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ସର୍ବାଧିକ ଚର୍ଚ୍ଚାରେ ଥିବା ପୁରୀ ଜିଲ୍ଲାପାଳ ସମର୍ଥ ବର୍ମା ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କୁ ସରକାରଙ୍କ ରୋଷର ଶିକାର ହେବାକୁ ପଡିଛି । ସମର୍ଥଙ୍କୁ ଜିଲ୍ଲାପାଳ ପଦରୁ ହଟାଇ ଶ୍ରୀମନ୍ଦିରର ଅତିରିକ୍ତ ମୁଖ୍ୟ ପ୍ରଶାସକ ଭାବେ ଅବସ୍ଥାପିତ କରାଯାଇଛି ଓ ରଞ୍ଜନଙ୍କୁ ଶ୍ରୀମନ୍ଦିର ଦାୟିତ୍ୱରୁ ଅବ୍ୟାହତି ଦିଆଯାଇଛି । ସେହିପରି କଟକ ଜିଲ୍ଲାପାଳ ନରହରି ସେଠୀଙ୍କୁ ମାତ୍ର ୨ମାସରେ ହଟାଇ ଦିଆଯାଇଥିବାବେଳେ ରାଜନୀତିକ କାରଣରୁ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ମଧ୍ୟ ବାଦ୍ ପଡିଛନ୍ତି । ୨୦୧୧ ବ୍ୟାଚ୍ ଆଇଏଏସ୍ ଆଶୀଷ ଠାକରେଙ୍କୁ ପ୍ରାୟ ୫ବର୍ଷ ପରେ ଖଣିସମୃଦ୍ଧ କେନ୍ଦୁଝର ଜିଲ୍ଲାରୁ ବଦଳି କରି ଆଉ ଏକ ଖଣି ଜିଲ୍ଲା ମୟୂରଭଞ୍ଜର ଜିଲ୍ଲାପାଳ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଓଏଏସ ଅଫିସରଙ୍କୁ ଜିଲ୍ଲାପାଳ ଦାୟିତ୍ୱରୁ ସରକାର ବିଦା କରି ୨୦୧୮ ବ୍ୟାଚ୍‌ର ୪ଜଣ ଆଇଏଏସ୍ ଓ ୨୦୧୯ ବ୍ୟାଚ୍‌ର ୬ଆଇଏଏସ୍ ଅଫିସରଙ୍କୁ ଜିଲ୍ଲାପାଳ ଦାୟିତ୍ୱ ନ୍ୟସ୍ତ କରିଛନ୍ତି । ୩୮ଜଣ ଆଇଏଏସ୍ ଓ ୩ଜଣ ବରିଷ୍ଠ ଓଏଏସ ଅଫିସରଙ୍କ ବଦଳି ହୋଇଛି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଦକ୍ଷିଣାଂଚଳ ଆରଡିସି ୨୦୦୦ ବ୍ୟାଚ୍ ଆଇଏଏସ୍ ତେମଜେନଓ୍ୱାପଙ୍ଗ.ଆଓଙ୍କୁ ସାଧାରଣ ଉଦ୍ୟୋଗ ବିଭାଗର ସଚିବ ଭାବେ ବଦଳି ହୋଇଛି । ସେହିପରି ପଂଚାୟତିରାଜ ସ୍ୱତନ୍ତ୍ର ସଚିବ ଶ୍ରୀକାନ୍ତ ପୃଷ୍ଟିଙ୍କୁ ସମ୍ବଲପୁର ଆରଡିସି, ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ପ୍ରଶାସକ ୨୦୦୭ ବ୍ୟାଚ୍ ଆଇଏଏସ୍ ରଞ୍ଜନ କୁମାର ଦାସଙ୍କୁ କେନ୍ଦ୍ରାଂଚଳ ଆରଡିସି ଭାବେ ବଦଳି ହୋଇଛି ଓ ସେ ଅତିରିକ୍ତ ଭାବେ ଦକ୍ଷିଣାଂଚଳ ଆରଡିସି ଦାୟିତ୍ୱରେ ରହିବେ ।ସେହିପରି ୨୦୧୧ ବ୍ୟାଚ୍ ଆଇଏଏସ୍ ସମର୍ଥ ବର୍ମାଙ୍କୁ ପୁରୀ ଜିଲ୍ଲାପାଳ ପଦରୁ ହଟାଇ ଦିଆଯାଇଛି । ତାଙ୍କୁ ଶ୍ରୀଜଗନ୍ନାଥ ମନ୍ଦିରର ଅତିରିକ୍ତ ମୁଖ୍ୟ ପ୍ରଶାସକ ଭାବେ ଅବସ୍ଥାପିତ କରାଯାଇଛି । କେନ୍ଦୁଝର ଜିଲ୍ଲାରେ ଦୀର୍ଘ ୫ବର୍ଷରୁ ଅଧିକ ସମୟ ଧରି ଜିଲ୍ଲାପାଳ ଥିବା ୨୦୧୧ ବ୍ୟାଚ୍ ଆଇଏଏସ୍ ଆଶୀଷ ଠାକରେଙ୍କୁ ମୟୂରଭଞ୍ଜ ଜିଲ୍ଲାପାଳ ଦାୟିତ୍ୱ ମିଳିଛି । ରାଜନୀତିକ କାରଣରୁ ଖୋର୍ଦ୍ଧା ଜିଲ୍ଲାପାଳ ଆଇଏଏସ୍ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଭୁବନେଶ୍ୱରସ୍ଥିତ କ୍ଷୁଦ୍ର ମିନେରାଲ୍ସ ନିର୍ଦ୍ଦେଶକ ଭାବେ ବଦଳି ହୋଇଛି । ମୟୂରଭଞ୍ଜ ଜିଲ୍ଲାପାଳ ଆଇଏଏସ୍ ଭିନିତ୍ ଭରଦ୍ୱାଜଙ୍କୁ କଟକ ଜିଲ୍ଲାପାଳ, କଟକ ମହାନଗର ନିଗମ କମିଶନର ଆଇଏଏସ୍ ନିଖିଳ ପଓ୍ୱନ କଲ୍ୟାଣଙ୍କୁ ଗ୍ରାମ୍ୟ ଉନ୍ନୟନ ନିର୍ଦ୍ଦେଶକ, ରାଜ୍ୟ ନିର୍ବାଚନ କମିଶନଙ୍କ ସଚିବ ତଥା ୨୦୧୨ ବ୍ୟାଚ୍ ଆଇଏଏସ୍ ବିଜୟ କୁମାର ଦାଶଙ୍କୁ ପୁରୀ ଜିଲ୍ଲାପାଳ, ବରଗଡ ଜିଲ୍ଲାପାଳ ମୋନିଷା ବାନାର୍ଜୀଙ୍କୁ ସାମାଜିକ କଲ୍ୟାଣ ନିର୍ଦ୍ଦେଶକ, ବଲାଙ୍ଗିର ଜିଲ୍ଲାପାଳ ଚଂଚଳ ରାଣାଙ୍କୁ ଖୋର୍ଦ୍ଧା ଜିଲ୍ଲାପାଳ, ରାୟଗଡା ଜିଲ୍ଲାପାଳ ସ୍ୱଧାଦେବ ସିଂଙ୍କୁ ନୟାଗଡ ଜିଲ୍ଲାପାଳ, ଅନୁଗୁଳ ଜିଲ୍ଲାପାଳ ଶ୍ରୀଧର ଶଙ୍କର ସ୍ୱାଇଁଙ୍କୁ କଟକ ମହାନଗର ନିଗମ କମିଶନର, ଯାଜପୁର ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ପଂଚାୟତିରାଜ ବିଭାଗର ଯୁଗ୍ମ ସଚିବ, କୋରାପୁଟ ଜିଲ୍ଲାପାଳ ଅବଦଲ ଅଖତରଙ୍କୁ ଅନୁଗୁଳ ଜିଲ୍ଲାପାଳ ଭାବେ ବଦଳି ହୋଇଛି ।

## ପ୍ରାଣ ପ୍ରତିଷ୍ଠା ପରେ ଦୀପୋତ୍ସବ, ସବୁଠି ଜଳିଲା ରାମ ଜ୍ୟୋତି



ଭୁବନେଶ୍ୱର, ୨୨।୧(ପି.ଏନ); ଅଯୋଧ୍ୟରେ ସମ୍ପନ୍ନ ହୋଇଛି ରାମ ଲଲାଙ୍କ ପ୍ରାଣ ପ୍ରତିଷ୍ଠା। ୫୦୦ ବର୍ଷର ଅପେକ୍ଷା ପରେ ପ୍ରଭୁ ଶ୍ରୀ ରାମ ଅଯୋଧ୍ୟାର ରାମ ମନ୍ଦିରରେ ବିରାଜିଛନ୍ତି। ପ୍ରାଣ ପ୍ରତିଷ୍ଠା ଉତ୍ସବ ପରେ ଆରମ୍ଭ ହୋଇଛି ଦୀପୋତ୍ସବ। ସବୁଠି ଜଳିଛି ରାମ ଜ୍ୟୋତି। ସାରା ଦେଶବାସୀ ଦୀପ ଜାଳି ରାମଙ୍କ ଭକ୍ତିରେ ଲୀନ ହୋଇ ପଡିଛନ୍ତି।

## ରାଜ୍ୟ କ୍ୟାବିନେଟରେ ୧୪ଟି ପ୍ରସ୍ତାବ ଉପରେ ଲାଗିଛି ମୋହର

ଭୁବନେଶ୍ୱର, ୨୨।୧(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ କ୍ୟାବିନେଟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି । ବୈଠକରେ ୧୨ଟି ବିଭାଗର ୧୪ଟି ପ୍ରସ୍ତାବ ଉପରେ ମୋହର ବାଜିଛି । ବୈଠକ ପରେ ଏନେଇ ସୂଚନା ଦେଇଛନ୍ତି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ।

## ବାହାନଗା ଟ୍ରେନ୍ ଟ୍ରାଜେଡି; ତତ୍କାଳୀନ ୨ ରେଳ କର୍ମଚାରୀ ଚାକିରିରୁ ବହିଷ୍କୃତ



ଭୁବନେଶ୍ୱର, ୨୨।୧(ପି.ଏନ): ଗତ ବର୍ଷ ଜୁନ ମାସ ୨ ତାରିଖ ସନ୍ଧ୍ୟାରେ ବାଲେଶ୍ୱର ଜିଲ୍ଲା ବାହାନଗାରେ ଘଟିଯାଇଥିବା ମର୍ମନ୍ତୁଦ ଦୁର୍ଘଟଣା ଆଜି ପର୍ଯ୍ୟନ୍ତ ମନରୁ ଲିଭି ନାହିଁ । ଏହି ଦୁର୍ଘଟଣାରେ ୨୯୩ ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିବା ସହ ୧ ହଜାରରୁ ଅଧିକ ଆହତ ହୋଇଥିଲେ । ତେବେ ବାହାନଗା ଟ୍ରେନ୍ ଟ୍ରାଜେଡିକୁ ନେଇ ଆସିଛି ଏକ ଅପଡେଟ୍ । ତତ୍କାଳୀନ ୨ ରେଳ କର୍ମଚାରୀ ଚାକିରିରୁ ବହିଷ୍କୃତ। ତତ୍କାଳୀନ ଷ୍ଟେସନ ମାଷ୍ଟର ଏସ୍?.ବି. ମହାନ୍ତି ବହିଷ୍କୃତ। ଏହି ମାମଲାର ତଦନ୍ତ କରୁଥିବା ସିବିଆଇ ପକ୍ଷରୁ ୩ ଜଣ ରେଳ କର୍ମଚାରୀଙ୍କ ନାମରେ ଚାର୍ଜଶିଟ୍ ଦାଖଲ କରାଯାଇଥିଲା । ବରିଷ୍ଠ ସେକ୍ସନ ଯନ୍ତ୍ରୀ ଅରୁଣ ମହାନ୍ତ, ସେକ୍ସନ ଯନ୍ତ୍ରୀ ମହମ୍ମଦ ଅମୀର ଖାନ, ଓ ଟେକ୍ନିସିଆନ ପପୁ କୁମାରଙ୍କ ନାମରେ ସିବିଆଇ ପକ୍ଷରୁ ଚାର୍ଜଶିଟ୍ ଦାଖଲ କରାଯାଇଥିଲା । ଆଇପିସି ଦଫା ୩୦୪ (୨), ୩୪, ୧୯୮୯ ରେଲୱେ ଆକ୍ଟ ୧୫୩ ଧାରାରେ ଏହି ଚାର୍ଜଶିଟ୍ ପ୍ରସ୍ତୁତ କରାଯାଇଥିଲା। ବାହାନଗା ଟ୍ରେନ୍ ଦୁର୍ଘଟଣା ଘଟିବାର ୧ ମାସ ପରେ ଜୁଲାଇ ମାସ ୭ ତାରିଖରେ ଏହି ତିନିଜଣ ମାଷ୍ଟର ମାଇଣ୍ଡଙ୍କୁ ସିବିଆଇ ଗିରଫ କରିଥିଲା । ଏହି ତିନିଜଣ ରେଳ କର୍ମଚାରୀଙ୍କର ଟ୍ରେନ ଦୁର୍ଘଟଣାରେ ହାତ ଥିବାରୁ ସେମାନଙ୍କୁ ଗିରଫ କରାଯାଇଥିଲା । ଏଥିସହିତ ସେମାନଙ୍କୁ ପଚରାଉଚରା କରାଯିବା ସହ ସତ ଖୋଜିବାକୁ ପ୍ରୟାସ କରିଥିଲା ତଦନ୍ତକାରୀ ସଂସ୍ଥା । ସେମାନଙ୍କ ବିରୋଧରେ କିଛି ସୁରାକ ମିଳିବା ପରେ ଧାରା ୩୦୪ ଓ ୨୦୧ ସିଆରପିସି ଅନୁସାରେ ସେମାନଙ୍କୁ ଗିରଫ କରାଯାଇଥିଲା ।

## ବାସଭବନରେ ରହି ଭର୍ଚ୍ଚୁଆଲ ମାଧ୍ୟମରେ ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠା ଦେଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୨।୧(ପି.ଏନ): ମନ୍ଦିରରେ ବିଜେ କରିଛନ୍ତି ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର । ସମସ୍ତ ରିତିନୀତି ଓ ପୂଜା ବିଧାନ ସହ ଶେଷ ହେଲା ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ । ଆଜି ପୂର୍ଣ୍ଣ ହେଲା କୋଟି କୋଟି ଭକ୍ତଙ୍କ ମନୋକାମନା । ଆଜିର ଏହି ଉତ୍ସବରେ ସାରା ଦେଶ ହୋଇଯାଇଛି ରାମ ମୟ । ଗଗନ ପବନ ଗାଉଛି ରାମ ବନ୍ଦନା ।



# ପୁଣି ବଢ଼ିଲା ଅବଧି, ୯ ବର୍ଷ ପରେ ବି ଉଚ୍ଛେଦ ହୋଇପାରୁନି ଘରୋଇ ଡିଲର ବ୍ୟବସ୍ଥା

ଭୁବନେଶ୍ୱର, ୨୨।୧(ପି.ଏନ): ରାଜ୍ୟରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ-୨୦୧୩ କାର୍ଯ୍ୟକାରୀ ହେବାକୁ ପ୍ରାୟ ୯ବର୍ଷ ବିତିଲାଣି । ମାତ୍ର ଆଇନ ଅନୁରୂପ ରାଜ୍ୟରୁ ଘରୋଇ ଡିଲର ବ୍ୟବସ୍ଥା ଉଚ୍ଛେଦ କରିବାରେ ରାଜ୍ୟ ସରକାର ସକ୍ଷମ ହୋଇପାରିନାହାନ୍ତି । ରାଜ୍ୟ କ୍ୟାବିନେଟ୍ ଆଜି ପୁଣିଥରେ ଘରୋଇ ଡିଲରମାନଙ୍କ କାର୍ଯ୍ୟକାଳ ଅବଧିକୁ ଆଉ ୬ମାସ ବ?ାଇଛନ୍ତି । ରାଜ୍ୟରେ ଏବେ ୬୬୭୫ ଘରୋଇ ଡିଲର ଅଛନ୍ତି । ରାଜ୍ୟ କ୍ୟାବିନେଟ୍ ଆଜି ଓଡିଶା ସାଧାରଣ ବଂଟନ ବ୍ୟବସ୍ଥା(ନିୟନ୍ତ୍ରଣ) ଆଦେଶ-୨୦୧୬ ଅଧିସୂଚନାରେ ଥିବା ପ୍ରାବଧାନକୁ ଆଉ ୬ମାସ ବୃଦ୍ଧି ପାଇଁ ନିଷ୍ପତ୍ତି ନେଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି ଯେ, ଆଜି କ୍ୟାବିନେଟ୍ ବୈଠକରେ ମୋଟ ୧୨ଟି ବିଭାଗର ୧୫ଟି ପ୍ରସ୍ତାବ ଆଗତ ହୋଇଥିଲା ସେଥିରୁ ୧୪ଟି ପ୍ରସ୍ତାବ ପାରିତ ହୋଇଥିବାବେଳେ ଗୋଟିଏ ପ୍ରସ୍ତାବ ପରବର୍ତ୍ତୀ ଆଲୋଚନା ପାଇଁ ରଖାଯାଇଛି । କ୍ୟାବିନେଟ୍ ନିଷ୍ପତ୍ତି ଅନୁସାରେ ଘରୋଇ ଡିଲରମାନଙ୍କୁ ଦିଆଯାଇଥିବା ଲାଇସେନ୍ସର ଅବଧିକୁ ଆଉ ୬ମାସ ବୃଦ୍ଧି ହୋଇଛି । ୨୦୨୪ ଏପ୍ରିଲରୁ ସେପ୍ଟେମ୍ବର ୩୦ତାରିଖ ପର୍ଯ୍ୟନ୍ତ ସେମାନଙ୍କର ଲାଇସେନ୍ସ ଅବଧି ବୃଦ୍ଧି ପାଇବ । ରାଜ୍ୟରେ ସାଧାରଣ ବଂଟନ ବ୍ୟବସ୍ଥାର ସୁପରିଚାଳନା ନିମନ୍ତେ-୨୦୧୬ ମାର୍ଚ୍ଚ ମାସରେ ଓଡିଶା ସାଧାରଣ ବଂଟନ ବ୍ୟବସ୍ଥା(ନିୟନ୍ତ୍ରଣ) ଆଦେଶ-୨୦୧୬ ଅଧିସୂଚନା ଜାରି କରାଯାଇଥିଲା । ରାଜ୍ୟରେ ସାଧାରଣ ବଂଟନ ବ୍ୟବସ୍ଥା ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟପଦ୍ଧତି ଓଡିଶା ସାଧାରଣ ବଂଟନ ବ୍ୟବସ୍ଥା (ନିୟନ୍ତ୍ରଣ)-୨୦୧୬ରେ ଥିବା ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟକାରୀ ହେଉଛି ।











# ଟି ଟାଇମ୍

# ପ୍ଲାଷ୍ଟିକ୍ ବେବି




ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ଓ୍ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

# ଅଜବ ବନ୍ଧୁତା

ଅନେକ ଲୋକ ଅଛନ୍ତି ଯେଉଁମାନେ ସେମାନଙ୍କ ପୋଷା ଜୀବ ବିନା ମୁହୂର୍ତ୍ତେ ବଞ୍ଚିବାକୁ ଇଚ୍ଛା କରନ୍ତି ନାହିଁ । ଇଣ୍ଡୋନେସିଆର ସୁରାବାୟା ସହରରେ ରହୁଥିବା ହାଣ୍ଡାକୋ ନଜୋଟୁକାସାମା ତାଙ୍କର ପୋଷା କୁକୁର ଗୁଡିକୁ ତାଙ୍କୁ ପୁଅ ଝିଅ ପରି ଭଲ ପାଆନ୍ତି । ସେ ଯୁଆଡେ ଯାଆନ୍ତି କୁକୁର ଦୁଇଟିକୁ ସଙ୍ଗରେ ନେଇ ଯାଆନ୍ତି । ସେ ଏହି କୁକୁରଗୁଡିକର ସୁରକ୍ଷା ଓ ଷ୍ଟାଇଲର ପୁରାପୁରି ଯତ୍ନ ନିଅନ୍ତି । ସେ ସ୍କୁଟିରେ କୁକୁର ଦୁଇଟିକୁ ନେବା ସମୟରେ ମୁଣ୍ଡରେ ସେମାନଙ୍କୁ ହେଲମେଟ ଓ ଆଖିରେ ଚଷମା ପିନ୍ଧନ୍ତି ।

## ପୁରାଣ କାହାଣୀ

# ଅଂହକାରରୂପୀ ସାପ



ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଇଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଇ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଇ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବଡ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରଡମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ଼୍‌ମଂଟ ଅଂଚଳରେ ପାହାଡ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।


# କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡା ଦେଶ ହେବାର ନିୟମ ରହିଥାଏ ।

# କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ୍ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

# ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା



ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହା ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ଲଫ୍ରି ଲଭ କମ୍ୟୁନିଟଓ' କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।




# ରାଜ୍ୟସଭା ଲଡୁ : କାହା ମୁଣ୍ଡରେ ସୁନା କଳସ ?

ସାଧାରଣରେ ଓ ଗଣମାଧ୍ୟମରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ଦେଶଦ୍ରୋହ ମାମଲାକୁ ନେଇ ସମଗ୍ର ଭାରତବର୍ଷରେ ପ୍ରଚାର, ଜୁଆର ଉଠିଥିବାବେଳେ ଓଡ଼ିଶାରେ ରାଜ୍ୟସଭା ନିର୍ବାଚନକୁ ନେଇ ମଧ୍ୟ ଗଣମାଧ୍ୟମ, ସାଧାରଣରେ ଓ ବିଜେଡ଼ି ଭିତରେ ଏକ ପ୍ରକାର ଚର୍ଚ୍ଚାର ଜୁଆର ଜୋରଦାର ଉଠିଲାଣି। ବିଜେଡ଼ିର ତିନୋଟି ସିଟ ଖାଲି ପଡୁଥିବା ବେଳେ ଏ ତିନୋଟି ବିଜେଡ଼ିର ବିଧାନ ସଭା ସଂଖ୍ୟାଗରିଷ୍ଠତାକୁ ଦେଖିଲେ ବାଜି ମାରିବା ସୁନିଶ୍ଚିତ। ତେବେ ଚର୍ଚ୍ଚା ଏହା ବି ଉଠୁଛି ଗତ ଥର ପରି ବିଜେପି ଗୋଟିଏ ସିଟ ହାତେଇବ ନାହିଁ ତ? ସୂଚନାଥାଉ କି ଜୁନ ୧୦ରେ ଦେଶରେ ୧୫ଟି ରାଜ୍ୟର ୫୭ଟି ରାଜ୍ୟସଭା ଆସନ ପାଇଁ ଭୋଟ ହେବ। ସେଥିଭିତରୁ ଓଡ଼ିଶାର ତିନୋଟି ସିଟ ରହିଛି। ଜୁଲାଇ ୧ରେ ଓଡ଼ିଶାର ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, ପ୍ରସନ୍ନ ଆଚାର୍ଯ୍ୟ, ଏନ୍. ଭାସ୍କର ରାଓଙ୍କ ଦାୟିତ୍ୱ ସରୁଛି। ବିଜେଡ଼ି ତାର ପ୍ରଥମ ପସନ୍ଦ ଭୋଟରେ ତିନିଜଣଙ୍କୁ ରାଜ୍ୟସଭାକୁ ପଠାଇବ। ବିରୋଧୀ ଦଳ ଯଦି ତାଙ୍କର ପ୍ରାର୍ଥୀ ନ ଦିଅନ୍ତି ତେବେ ଜୁନ ୧୦ରେ ନିର୍ବାଚନ ଲୋଡ଼ା ପଡ଼ିବ ନାହିଁ। ତେବେ ବିଜେଡ଼ି ସୁପ୍ରିମୋ କାହା ମୁଣ୍ଡରେ ସୁନା କଳସ ଢ଼ାଳିବେ ଏହାକୁ ନେଇ ରାଜନୀତି, ଗଣମାଧ୍ୟମରେ ଗୁଡ଼ି ଅନେକ ଉଡୁଛି। କୁହାଯାଉଛି ବିଜେଡ଼ିର ପାଖାପାଖି ୩୦ଜଣ ଏହି ରାଜ୍ୟସଭା ମୁହାଁ ପାଇଁ ଚାତକ ପରି ବସିଛନ୍ତି। ତିନୋଟି ରାଜ୍ୟସଭା ସିଟ ପାଇଁ ଚର୍ଚ୍ଚା ଭିତରେ ଅନେକ ତ ରହିଛନ୍ତି। ୨୦୧୯ରୁ ସୁପ୍ରିମୋ ନବୀନ ବାବୁ ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ ଓ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କୁ ରାଜ୍ୟସଭା ପଠାଇବା ପାଇଁ କଥା ଦେଇଛନ୍ତି। ସେହିପରି କଂଗ୍ରେସରୁ ଡିଆଁ ମାରିଥିବା ଯୁବନେତା ପ୍ରଦୀପ ମାଝୀ, ଭୁବନେଶ୍ୱର ସିଟରୁ ହାରିଥିବା ଅରୂପ ପଟ୍ଟନାୟକ, ନଳିନୀକାନ୍ତ ପ୍ରଧାନ, ଗଣମାଧ୍ୟମ ଉପଦେଷ୍ଟା ମାନସ ରଞ୍ଜନ ମଙ୍ଗରାଜ, ପୂର୍ବତନ ବାଚସ୍ପତି ଶରତ କରଙ୍କ ପୁଅ ଶୋଭନ କର ଏବଂ ସେହିପରି ଅଣରାଜନୈତିକ ପୃଷ୍ଠଭୂମିରୁ ଗାନ୍ଧିବାଦୀ ନେତ୍ରୀ ତଥା ନବକୃଷ୍ଣ ଚୌଧୁରୀଙ୍କ ଝିଅ କୃଷ୍ଣା ମହାନ୍ତି, ବିଶିଷ୍ଟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ, ସୁପ୍ରିମକୋର୍ଟର ପ୍ରାକ୍ତନ ବିଚାରପତି ଅନନ୍ତ କୁମାର ପଟ୍ଟନାୟକ, ଅବସରପ୍ରାପ୍ତ ଆଇଏଏସ ଅସିତ ତ୍ରିପାଠୀଙ୍କ ନାମ ଚର୍ଚ୍ଚାରେ ଉଠୁଛି।

ରାଜ୍ୟସଭାର ଉପରୋକ୍ତ ତିନିଜଣଙ୍କ କାର୍ଯ୍ୟକାଳ ସରିବା ପରେ କଟକ ମେୟର ଭାବେ ଜିତିଥିବା ସୁବାଷ ସିଂହ ମଧ୍ୟ ଇସ୍ତଫା



ଦେଇଥିବାରୁ ତାଙ୍କ ପଦବୀଟି ଖାଲି ପଡ଼ିଛି କିନ୍ତୁ ନିର୍ବାଚନ କମିଶନ ତାରିଖ ଘୋଷଣା କରିନାହାଁନ୍ତି। ରାଜ୍ୟସଭାରେ ବିଜେଡ଼ିର ରାଷ୍ଟ୍ରୀୟ ମୁଖପାତ୍ର ଭାବେ ସସ୍ମିତ ପାତ୍ର ପ୍ରଭାବୀ ଢ଼ଙ୍ଗରେ ଦଳର ଆଭିମୁଖ୍ୟକୁ ଜାତୀୟ ସ୍ତରରେ ସଠିକ ଭାବେ ଉପସ୍ଥାପନ କରି ନିଜ ଦକ୍ଷତା ଦେଖାଇଛନ୍ତି। ସେହିପରି ପ୍ରସନ୍ନ ଆଚାର୍ଯ୍ୟ ପଶ୍ଚିମ ଓଡ଼ିଶାର ଜଣେ ଟାଣୁଆ ନେତା ଏବଂ ପଶ୍ଚିମ ଓଡ଼ିଶାରେ ବିଜେପିର ବିଶେଷ ଦବଦବା ରହିଛି। ତେବେ ପ୍ରସନ୍ନଙ୍କୁ ଏହି ଜାଗାରୁ ହଟାଇଲେ ତାଲିକା ଭିତରେ ଇଂ. ନଳିନୀକାନ୍ତ ପ୍ରଧାନ ଓ ଅସୀତ ତ୍ରିପାଠୀଙ୍କ ନାମ ଉଠୁଛି। ଦକ୍ଷିଣ ଓଡ଼ିଶାର ଭେଟେରାନ ନେତା ଭାସ୍କର ରାଓଙ୍କ ସ୍ଥାନରେ କଂଗ୍ରେସର ଡିଆଁ ନେତା ପ୍ରଦୀପ ମାଝୀଙ୍କ ନାମ ଚର୍ଚ୍ଚାରେ ରହୁଛି। ତେବେ ଦକ୍ଷିଣ କ୍ଷେତ୍ରରୁ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କ ସହ ଜୟପୁରର ପ୍ରାକ୍ତନ ବିଧାୟକ ରବିନାରାୟଣ ନନ୍ଦ ବି ଆଶାୟୀ। ଯୁବ ଚେହେରା ଭାବେ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ଭାବେ ମାନସ ମଙ୍ଗରାଜଙ୍କ ନାମ ବିଶେଷ ଚର୍ଚ୍ଚାରେ ରହିଛି। ସରକାରଙ୍କ ଗଣମାଧ୍ୟମ ବ୍ୟାପାରକୁ ବେଶ ସଠିକ ଭାବେ ଓ ସଠିକ କ୍ଷେତ୍ର ଓ ଢ଼ଙ୍ଗରେ ସେ ନିର୍ବାହ କରୁଛନ୍ତି। ସବୁବେଳେ ଚମକାଇ ଦେଇ ରାଜନୀତିର ମୋଡ଼ ବଦଳାଇ ଦେଉଥିବା କ୍ଷେତ୍ରରେ ବିଜେଡ଼ି ସୁପ୍ରିମୋ ନବୀନବାବୁ ବେଶ ମାହିର। ତେବେ ନବୀନବାବୁ ମହିଳା କାର୍ଡ଼ ଯଦି ଖେଳନ୍ତି ତେବେ ସେ ଆଗରେ ମୋ ସ୍କୁଲର ଅଧକ୍ଷା ସୁଷ୍ମିତା ବାଗ୍‌ଚୀଙ୍କ ନାଁ ଉଠୁଛି। କେନ୍ଦ୍ରୀୟ ବିଜେପିର ବର୍ତ୍ତମାନ ଓଡ଼ିଶା ପ୍ରତି ନରମ ଆଭିମୁଖ୍ୟ ରହିଛି କିନ୍ତୁ ରାଷ୍ଟ୍ରପତି ନିର୍ବାଚନ ପରେ ବିଜେପି ଓଡ଼ିଶା ଉପରେ ଫୋକସ କରିବାର ବଡ଼ ସମ୍ଭାବନା ରହିଛି। କୁହାଯାଉଛି ବିଜେପି ବିଜେଡ଼ି ବିରୁଦ୍ଧରେ ତାର ମୋର୍ଚ୍ଚା ଖୋଲି କଡ଼ା ଆଭିମୁଖ୍ୟ ଦେଖାଇପାରେ। କାରଣ କେନ୍ଦ୍ରର ନରେନ୍ଦ୍ର ମୋଦି ମଧ୍ୟ ରାଜନୀତି କ୍ଷେତ୍ରରେ ଚମକାଇ ଦେଉଥିବା ପରି ରାଜନୀତିର କାର୍ଡ଼ ଖେଳିଥାନ୍ତି। ଏହାଭିତରେ ସୁବାଷ ସିଂହ କଟକ ମେୟର ଭାବେ ଜିତିବା ପରେ ରାଜ୍ୟସଭାରୁ ଇସ୍ତଫା ଦେଇଛନ୍ତି। ତାଙ୍କ କାର୍ଯ୍ୟକାଳ ୨ ଅପ୍ରେଲ ୨୦୨୬ ପର୍ଯ୍ୟନ୍ତ ରହିଛି। ସୁବାଷଙ୍କ ସ୍ଥାନରେ ନିର୍ବାଚନ କମିଶନ ଘୋଷଣା କରିବା ପରେ ଯିଏ ଯିବେ ସେ ବାକିବର୍ଷ ପାଇଁ ରାଜ୍ୟସଭା ସଭ୍ୟ ଭାବେ ଦାୟିତ୍ୱ ନିର୍ବାହ କରିବେ। ତେବେ ଗୋପରେ ବଢ଼ୁଛି କଳା କହ୍ନେଇ ପରି ରାଜ୍ୟସଭାକୁ କିଏ ଯିବେ ତାହା ଦଳର ସୁପ୍ରିମୋ ନବୀନବାବୁଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ। ଏହା ମଧ୍ୟ ପ୍ରଶ୍ନ ଉଠୁଛି ଓ ରାଜନୀତିର ଗୁଡ଼ି ଉଡୁଛି ମଧ୍ୟ ଗତଥର ପରି ଅଶ୍ୱିନୀ ବୈଷ୍ଣବଙ୍କ ପରି ବିଜେପି ମାଙ୍କଡ ଠାରୁ ମୁଆଁ ଛଡ଼ାଇବା ପରି ଗୋଟିଏ ସିଟ ମାଗିନେଇ ଯିବନି ତ!! କାରଣ କେନ୍ଦ୍ରର ରାଜନୀତି କ୍ଷେତ୍ରରେ ଅତ୍ୟନ୍ତ ପାରଙ୍ଗମ ଓ ଶକ୍ତିଶାଳୀ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅମିତ ଶାହା ନବୀନବାବୁଙ୍କୁ ପ୍ରଭାବିତ କରି ଗୋଟିଏ ସିଟ ନେଇଯିବା କିଛି ବିରାଟ ବଡ଼ ଖବର ହେବନାହିଁ। ତେବେ ମୁଆଁ କାହାଙ୍କ ଭାଗ୍ୟରେ ଅଛି କୋଟି କୋଟି ଓଡ଼ିଆଙ୍କ ପରି ଏହି ଲେଖକ ମଧ୍ୟ ସେହି ସମୟକୁ ଅପେକ୍ଷା କରିଛି? ମୁଆଁ ବିଜୟୀ ଯିଏ ବି ହୁଅନ୍ତୁ ତାଙ୍କୁ ଆମେ ଯଥେଷ୍ଟ ପୂର୍ବରୁ ଅଭିନନ୍ଦନ ଜଣାଉଛୁ।

# 'ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ...'



ବୈଶାଖ ମାସ ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ଭଗବାନ ନୃସିଂହଙ୍କ ଜୟନ୍ତୀ ପାଳନ କରାଯାଇଥାଏ। ମହାନୃସିଂହ ହେଉଛନ୍ତି ଶକ୍ତିର ଦେବତା। ପୌରାଣିକ ମାନ୍ୟତା ଅନୁଯାୟୀ, ଉପରୋକ୍ତ ପବିତ୍ର ତିଥିରେ ଶ୍ରୀହରି ବିଷ୍ଣୁ ନୃସିଂହ ଅବତାରରେ ପ୍ରକଟ ହୋଇଥିଲେ। ସେ ଦୈତ୍ୟରାଜ ହିରଣ୍ୟକଶିପୁର ବଧ କରିଥିଲେ। ଭଗବାନ ବିଷ୍ଣୁ ଅଧର୍ମ ନାଶ କରିବା ଲାଗି ଅନେକ ଅବତାର ନେଇଛନ୍ତି। ସେ ଅବତାର ନେବା ପରେ ପୃଥିବୀରେ ଧର୍ମ ପ୍ରତିଷ୍ଠା ହୋଇଛି। ଶ୍ରୀବିଷ୍ଣୁ ସର୍ବଦା ନିଜ ଭକ୍ତମାନଙ୍କୁ ସଂକଟରୁ ରକ୍ଷା କରିଥାନ୍ତି। ଶ୍ରୀମଦ୍ ଭାଗବତରେ ଆରମ୍ଭରୁ ଭଗବାନ ନୃସିଂହଙ୍କୁ ସ୍ତୁତି କରାଯାଇ ଲେଖାଯାଇଛି 'ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ'। ଅଧର୍ମର ବିନାଶ ପାଇଁ ଅନେକ ସମୟରେ ସମ୍ପୂର୍ଣ୍ଣ ପରୋପକାର ତଥା ଜଗତକଲ୍ୟାଣର ଭାବନା ନେଇ ଅବିରତ ପ୍ରୟାସ କରିବାକୁ ପଡ଼ିଥାଏ । ଫଳରେ ଜଗତରେ ଧର୍ମ ପ୍ରତିଷ୍ଠା ସମ୍ଭବ ହୋଇଥାଏ । ଭଗବାନ ବିଷ୍ଣୁଙ୍କ ପ୍ରତ୍ୟେକ ଅବତାର ସଂସାରର ଏହି ସୂତ୍ରକୁ ପ୍ରତିପାଦିତ କରିଥାଏ । ଏ ସଂସାରରୁ ଦୁଷ୍ଟଙ୍କ ବିନାଶ ପାଇଁ ଭଗବାନ ବିଷ୍ଣୁ ନୃସିଂହ ଅବତାର ନେଇ ଧରାବତରଣ କରିଥିଲେ । ସେହି ଶୁଭ ବେଳ ଥିଲା ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ । ଅର୍ଥାତ୍ ନୃସିଂହ ସ୍ୱରୂପ ନେଇ ଅଧା ନର ଅଧା ସିଂହ ସ୍ୱରୂପ ନେଇ ଜନ୍ମ ନେଇଥବା ଭଗବାନ ବିଷ୍ଣୁଙ୍କ ନୃସିଂହ ଅବତାର ଥିଲା ଅତ୍ୟନ୍ତ ଉଗ୍ର । ହେଲେ ଏହି ଉଗ୍ରତା ମଧ୍ୟରେ ଲୁଚି ରହିଥିଲା ଅଧର୍ମୀର ବିନାଶ କରିବାର ସୂତ୍ର। ଏହି ରୂପରେ ସେ ରାକ୍ଷସରାଜ ହିରଣ୍ୟକଶପର ସଂହାର କରିଥିଲେ । ହିରଣ୍ୟକଶ୍ୟପ ବ୍ରହ୍ମଦେବଙ୍କ ଠାରୁ ବରଦାନ ପ୍ରାପ୍ତ କରିବା ପରେ ତ୍ରୀଭୂବନରେ ଉତ୍ପାତ ଖେଳାଇ ଦେଇଥିଲା । ଭଗବାନ ବିଷ୍ଣୁ ନୃସିଂହ ଅବତାର ନେଇ ହିରଣ୍ୟକଶ୍ୟପର ବଧ କରିଥିଲେ । ହିରଣ୍ୟକଶ୍ୟପର ଅନ୍ତ କରିବା ସମୟରେ ନା ସେ ଘରେ ଥିଲେ, ନା ଘର ବାହାରେ, ନା ଭୂମିରେ ଥିଲା, ନା ଆକାଶରେ, ନା ସେ ଅସ୍ତ୍ର ଦ୍ୱାରା ମରିଥିଲା ନା ଶସ୍ତ୍ର ଦ୍ୱାରା, ନା ଦିନରେ ମରିଥିଲା ନା ରାତିରେ । ଭଗବାନ ବିଷ୍ଣୁ ହିରଣ୍ୟକଶ୍ୟପର ବଧ କରିବା ଲାଗି ଏକ ବିଶେଷ ସମୟ ବାଛିଥିଲେ। ଏହି ମୁହୂର୍ତ୍ତ ବାର ମାସ ଠାରୁ ଅଲଗା ଥିଲା । ସେହି ମାସ ଥିଲା ଭଗବାନଙ୍କ ପ୍ରିୟ ପୁରୁଷୋତ୍ତମ ମାସ (ଅଧିବର୍ଷରେ ପଡୁଥିବା ମାସ) । ଭଗବାନ ବିଷ୍ଣୁ ନିଜ ନଖରେ ଫାଡ଼ି ଦେଇଥିଲେ ହିରଣ୍ୟକଶ୍ୟପର ଛାତିକୁ । ଅନ୍ୟପକ୍ଷରେ ଭଗବାନଙ୍କ ବିଷ୍ଣୁଙ୍କ ନୃସିଂହ ଅବତାର ନେବା ପଛରେ ହିରଣ୍ୟକଶ୍ୟପର ପୁତ୍ର ପ୍ରହ୍ଲାଦର ପ୍ରମୁଖ ଭୂମିକା ରହିଥିଲା । ପ୍ରହ୍ଲାଦର ବିଷ୍ଣୁ ଭକ୍ତି ଦେଖି ହିରଣ୍ୟକଶ୍ୟପ ତାକୁ ହତ୍ୟା କରିବାକୁ ଶତ ଚେଷ୍ଟା କରି ମଧ୍ୟ ବିଫଳ ହୋଇଥିଲା । ନୃସିଂହ ଅବତାର ସାରା ଜଗତକୁ ଏକ ବିଶେଷ ସନ୍ଦେଶ ଦେଇଥାଏ । ଅଧର୍ମର ବିନାଶ ପାଇଁ ଅବିରତ ଚେଷ୍ଟା କରିବା ଆବଶ୍ୟକ । ବିଫଳତା ମିଳିଲେ ମଧ୍ୟ ଧର୍ମର ପ୍ରତିଷ୍ଠା ଦିଗରେ ସର୍ବଦା ଚେଷ୍ଟା କରିବା ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ ହେବା ଉଚିତ । ଧର୍ମ ଏବଂ ସଦାଚାରର ପ୍ରତୀକ ଭକ୍ତ ପ୍ରହ୍ଲାଦଙ୍କ ଭକ୍ତିରେ ସାରା ସଂସାର ପ୍ରତି ଏକ ବାର୍ତ୍ତା ରହିଥିଲା । ତାହା ଥିଲା, ଭକ୍ତିକୁ କର୍ମ ଭଳି ନୁହେଁ ବରଂ କର୍ମକୁ ଭକ୍ତି ରୂପରେ ଗ୍ରହଣ କରି ସେଥିରେ ଲୀନ ହେଲେ ଦେବୀ ରୂପୀ ସଫଳତା ମିଳିବା ଜରୁରୀ ।

ଶ୍ରୀମଦ୍ ଭଗବତ୍ ଗୀତାର ଦଶମ ଅଧ୍ୟାୟ ୩୦ତମ ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ ଉପଦେଶ ଛଳରେ ପାଣ୍ଡୁପୁତ୍ର ଅର୍ଜ୍ଜୁନଙ୍କୁ କହୁଛନ୍ତି 'ପ୍ରହ୍ଲାଦଶ୍ଚାସ୍ମି ଦୈତ୍ୟାନାଂ କାଳଃ କଳୟତାମହମ୍। ମୃଗାଣାଂ ଚ ମୃଗେନ୍ଦ୍ରୋଃହଂ ବୈନତେୟଶ୍ଚ ପକ୍ଷୀଣାମଃ।' ଅର୍ଥାତ୍ ଦୈତ୍ୟମାନଙ୍କ ମଧ୍ୟରୁ ମୁଁ ହେଉଛି ପ୍ରହ୍ଲାଦ ଏବଂ ଗଣନାକାରୀଙ୍କ ମଧ୍ୟରେ କାଳ ତଥା ମୁଁ ପଶୁମାନଙ୍କ ମଧ୍ୟରେ ସିଂହ ଓ ପକ୍ଷୀମାନଙ୍କ ମଧ୍ୟରେ ଗରୁଡ଼। ସହଜ ଅର୍ଥରେ କହିଲେ ଭଗବାନ ଶ୍ରୀକୃଷ୍ଣ ଭକ୍ତ ପ୍ରହ୍ଲାଦଙ୍କୁ ସର୍ବଶ୍ରେଷ୍ଠ ଦୈତ୍ୟ ରୂପେ ବର୍ଣ୍ଣନା କରିଛନ୍ତି। ପ୍ରହ୍ଲାଦଙ୍କ ପବିତ୍ର ଜୀବନ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ। ତାଙ୍କ ଜୀବନରୁ ଆମକୁ ଅନେକ ଶିକ୍ଷା ମିଳିଥାଏ। ଯେପରିକି - ସର୍ବଶକ୍ତିମାନ ଈଶ୍ୱରଙ୍କ ଠାରେ ସର୍ବଦା ବିଶ୍ୱାସ ରଖିବା ଉଚିତ। ନିଶ୍ଚଳ ଭକ୍ତି ପାଇଁ କୌଣସି ବୟସସୀମା ନଥାଏ। ଭଗବାନ ସର୍ବତ୍ର ବିରାଜମାନ କରିଥାନ୍ତି। ଭଗବାନ ସବୁବେଳେ ଉପସ୍ଥିତ ଥାଆନ୍ତି। ଈଶ୍ୱର ନିଜ ଭକ୍ତକୁ ସର୍ବଦା ରକ୍ଷା କରିଥାନ୍ତି। ଦୁଷ୍ଟମାନଙ୍କର ସଂହାର କରିଥାନ୍ତି।

# ଉଚ୍ଚ ଶବ୍ଦ ସୃଷ୍ଟିକାରୀ ବାଇକ ଦେଖିଲେ କାର୍ଯ୍ୟାନୁଷ୍ଠାନ

ଆଜିକାଲି ବିଶେଷକରି ଯୁବ ବର୍ଗ ଓ ନିଶାସକ୍ତ ବାଇକ ଚାଳକମାନେ ଯେଉଁପରି ଭୟାନକ ଉଚ୍ଚ କର୍କଶ ସ୍ୱରର ଶବ୍ଦ ରହିଥିବା ଗାଡ଼ି ଚଳାଇ ଯାଉଛନ୍ତି ତାହା ଅତ୍ୟନ୍ତ ଦୁଃଖଦାୟକ। କାରଣ ଏହାଦ୍ୱାରା ଅନ୍ୟମାନେ ହଠାତ୍ ଭୟଭୀତ ହୋଇ ହଡବଡ଼ ହୋଇଯାଉଛନ୍ତି ଓ ଯାହାକି ବଡ଼ ଦୁର୍ଘଟଣାର କାରଣ ପାଲଟୁଛି। ସାବଧାନ! ଏଣିକି ବାଇକରୁ ଉଚ୍ଚ ଶବ୍ଦ ବାହାରୁଥିଲେ ହେବ କାର୍ଯ୍ୟାନୁଷ୍ଠାନ। ଖୋଜି ଖୋଜି ଧରିବ ପୋଲିସ। ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ଅନେକ ଯୁବକ ବାଇକକୁ ମଡ଼େଲିଂ କରିବା ସହ ସେଥିରେ ବିକଟାଳ ବା ଉଚ୍ଚ ଶବ୍ଦ ସୃଷ୍ଟିକାରୀ ସାଇଲେନ୍ସର ପାଇପ ଲଗାଉଛନ୍ତି। କେଉଁ ସାଇଲେନ୍ସର ପାଇପରୁ ବାଣ ଫୁଟିବାର ଶବ୍ଦ ବାହାରୁଛି ତ ପୁଣି ଆଉ କେଉଁଥିରୁ ଛାତି ଥରାଇ ଦେବା ଭଳି ଢ଼ୋ ଢ଼ୋ ଠୋ ଠା ଶବ୍ଦ ବାହାରୁଛି। ରାସ୍ତାରେ ଏଭଳି ଶବ୍ଦ ମାଧ୍ୟମରେ ଅନ୍ୟ ଯାତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଯୁବପିଢ଼ି ଖୁସି ହେଉଥିଲେ ମଧ୍ୟ ଏହା ଅନ୍ୟ ଯାତ୍ରୀଙ୍କ ପାଇଁ ବିପଦ ଆଣୁଛି। ଦୁର୍ଘଟଣା ଘଟାଇବା ସହ ହୃଦ୍‌ରୋଗୀଙ୍କ ପାଇଁ ଘାତକ ସାଜୁଛି। ଏହାଦ୍ୱାରା ପରିବେଶ ଓ ଧ୍ୱନି ପ୍ରଦୂଷିତ ହେଉଛି। ଏହା ବେଆଇନ ହୋଇଥିଲେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ଥିବାରୁ କେହି ମାନୁନାହାନ୍ତି। ତେବେ ବିଳମ୍ବରେ ହେଲେ ମଧ୍ୟ କମିଶନରେଟ ପୋଲିସ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ କରିଛି। କମିଶନରେଟ ପୋଲିସ ପକ୍ଷରୁ ଏକ ମୋବାଇଲ ଫୋନ ନଂ ୮୦୯୩୦୨୮୧୦୭ ଜାରି କରାଯାଇଛି। ଯଦି ଏପରି ଉଚ୍ଚଶବ୍ଦ କରୁଥିବା କୌଣସି ବାଇକ ନଜରକୁ ଆସେ ତାହେଲେ ତାହାର ଫଟୋ ଉଠାଇ ଏହି ନମ୍ବରରେ ହ୍ୱାଟ୍ସଆପ ମାଧ୍ୟମରେ ପୋଷ୍ଟ କରିବାକୁ ପରାମର୍ଶ ଦିଆଯାଇଛି।ରାସ୍ତାରେ ନିଜର ଉପସ୍ଥିତି ଜାହିର କରିବାକୁ ଏଭଳି ବାଇକ ବ୍ୟବହାର କରାଯାଉଛି। ସ୍ୱତନ୍ତ୍ର ଡ୍ରାଇଭ ମାଧ୍ୟମରେ ବିକଟାଳ ବା ଉଚ୍ଚ ଶବ୍ଦ କରୁଥିବା ବାଇକ ବ୍ୟବହାର କରୁଥିବା ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଆମେ ସିସିଟିଭି ଦ୍ୱାରା ଅଭିଯାନକୁ ମନିଟର କରୁଛୁ। ଯେଉଁଠି ବି ପରିବର୍ତ୍ତିତ ସାଇଲେନ୍ସର ଦେଖାଯିବ ସେ ବାଇକକୁ ଜବତ କରିବାକୁ ପିସିଆର ଟିମକୁ କୁହାଯାଇଛି। ଆବଶ୍ୟକତା ପଡ଼ିଲେ ଚାଳକଙ୍କ ବିରୋଧରେ ମାମଲା ମଧ୍ୟ ରୁଜୁ କରାଯିବ।

ଆସନ୍ତୁ ସର୍ବପ୍ରଥମେ ଜାଣିବା ସରକାରୀ ବ୍ୟବସ୍ଥାରେ ନିୟମ କ'ଣ ରହିଛି । ସାଇଲେନ୍ସର ପାଇପରୁ ସର୍ବାଧିକ ୮୦ ଡେସିମିଲ ଶବ୍ଦ ବାହାରିବାର ନିୟମ ରହିଛି। ଏହାଠାରୁ ଅଧିକ ଶବ୍ଦ ବାହାରିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ହେଲେ ଲୋକେ ଏହାଠାରୁ ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ସାଇଲେନ୍ସର ପାଇପ ବ୍ୟବହାର କରୁଥିବା ଦେଖାଯାଉଛି । ଏହା ବେଆଇନ ହୋଇଥିବାରୁ ଟ୍ରାଫିକ ପୋଲିସ ପକ୍ଷରୁ ସାଇଲେନ୍ସର କଢ଼ାଯିବା ସହ ଚାଳକଙ୍କଠୁ ଏମଭି ଆକ୍ଟ ଆନୁଯାୟୀ ଜରିମାନା କଟାଯାଉଛି । ଏଥିସହ ଆରଟିଓ ପକ୍ଷରୁ ମଧ୍ୟ ଜରିମାନା କଟାଯିବାର ନିୟମ ରହିଛି। ସର୍ବନିମ୍ନ ଶବ୍ଦ ଥିବା ଗାଡ଼ିର ହର୍ଣ୍ଣ ବ୍ୟବସ୍ଥା କରନ୍ତୁ କାରଣ ଏହା ଆପଣଙ୍କ ପାଇଁ ଯେତିକି ବିପଦ ନୁହେଁ ରାସ୍ତାରେ ଯାଉଥିବା ପଥଚାରୀ ଓ ଅନ୍ୟ ଗାଡ଼ି ଚାଳକଙ୍କ ପାଇଁ ଏହା ବଡ଼ ବିପଦର କାରଣ ପାଲଟୁଛି। ସଚେତନ ହୁଅନ୍ତୁ ନଚେତ ପୋଲିସର ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନକୁ ସାମ୍ନା କରି ନିଜ ଓ ନିଜ ପରିବାରର ମାନ ସମ୍ମାନ ହାନି କାହିଁକି କରିବେ? ଏ ଦିଗରେ ଟିକେ ସମାଜ ପ୍ରତି ଥିବା ଆପଣଙ୍କ ଦାୟିତ୍ୱକୁ ମନେପକାନ୍ତୁ ଓ ସଚେତନ ରୁହନ୍ତୁ।

# ଯାଜପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ସ୍ୱର୍ଗତଃ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ



ଯାଜପୁର (ପିଏନ୍)-ଯାଜପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଓ ପୂର୍ବତନ ରାଜ୍ୟପାଳ ବିଶିଷ୍ଟ ସାହିତ୍ୟିକ ଓ ସାମ୍ବାଦିକ ସ୍ୱର୍ଗତଃ ଜାନକୀବଲ୍ଲଭ ପଟ୍ଟନାୟକଙ୍କର ଶ୍ରାଦ୍ଧ ଦିବସ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରେ ପାଳିତ କରାଯାଇଥିଲା । ନଗର କଂଗ୍ରେସର ସଭାପତି ନାରାୟଣ ସାମନ୍ତଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ୱର୍ଗତଃ ପଟ୍ଟନାୟକଙ୍କର ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ସ୍ୱର୍ଗତଃ ପଟ୍ଟନାୟକ ଜଣେ ପ୍ରଥିତଯଶା ସାହିତ୍ୟିକ, ଗବେଷକ ଓ ସଂସ୍କୃତବିତ୍ ଭାବରେ ଅନେକ ପୁସ୍ତକ ଓ ପ୍ରବନ୍ଧ ରଚନା କରିଯାଇଛନ୍ତି । ତାଙ୍କ ଜୀବନର ଶେଷ ସମୟ ପର୍ଯ୍ୟନ୍ତ କଂଗ୍ରେସ ଦଳପାଇଁ ହିଁ ସେ ଚିନ୍ତା କରୁଥିଲେ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବାପରେ ଯାଜପୁର ଏବଂ ଖୋର୍ଦ୍ଧା ଜିଲ୍ଲାର ସଦର ମହକୁମା ସେ ଯାଜପୁର ଏବଂ ଖୋର୍ଦ୍ଧାଠାରେ ପ୍ରତିଷ୍ଠା କରିଥିଲେ । ତାଙ୍କର ଶାସନ କାଳରେ ଓଡ଼ିଶାର ସାମଗ୍ରିକ ଉନ୍ନତି ଓ ବହୁ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରିଥିଲା । ଏହି ଶ୍ରାଦ୍ଧୋତ୍ସବରେ ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ରାଉତ, ପିସିସି ସମ୍ପାଦକ ତଥା ଯାଜପୁର ବିଧାନସଭା କଂଗ୍ରେସ ପ୍ରାର୍ଥୀ ସନ୍ତୋଷ କୁମାର ନନ୍ଦ, ଉପସଭାପତି ବିଭୂତି ଭୂଷଣ ମହାପାତ୍ର, ପୂର୍ବତନ ପୌରାଧ୍ୟକ୍ଷ ଆଲୋକ ବେହେରା, ସାଧାରଣ ସମ୍ପାଦକ ହୃଷିକେଶ ପତି, କଂଗ୍ରେସ ପୌରାଧ୍ୟକ୍ଷା ପ୍ରାର୍ଥିନୀ ପ୍ରିୟଦର୍ଶିନୀ ସାମନ୍ତ, ରାଜ୍ୟ ଓବିସି ସେଲ ଉପାଧ୍ୟକ୍ଷ ପ୍ରଶାନ୍ତ କୁମାର ସାହୁ, ନକୁଳ ଦେବ ସାହୁ, ଉତ୍କଳ କେଶରୀ ପାଣିଗ୍ରାହୀ, ଦୀପକ ଦାସ, ଭରତ ସେନାପତି ଓ ବିଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଜିଲ୍ଲା କଂଗ୍ରେସ ଦଳିତ ସେଲ ସଭାପତି ଦୁର୍ଯ୍ୟୋଧନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# 'ବ୍ରିଟ'ର ପକ୍ଷ ଛେଦନ କଲେ ରାଜ୍ୟ ସରକାର

ବାଲେଶ୍ୱର (ପିଏନ୍)- ବାଲେଶ୍ୱର ରିଜିଓନାଲ ଇମ୍ପ୍ରୋଭମେଂଟ ଟ୍ରଷ୍ଟ ସହିତ ରାଜ୍ୟର ସମସ୍ତ ରିଜିଓନାଲ ଇମ୍ପ୍ରୋଭମେଂଟ ଓ ସ୍ପେଶାଲ ପ୍ଲାନିଂ ଅଥରିଟି ଠାରୁ ସରକାର ଆଂଶିକ କ୍ଷମତା କାଢ଼ି ନେଇଛନ୍ତି। ଏବେ ସହରାଞ୍ଚଳର କୋଠା ନିର୍ମାଣ, ପ୍ଲାନିଂ, ଜମି ର ବ୍ୟବହାର, ପ୍ଲାନ ଆପ୍ରୋଭାଲ, ସବଡିଭିଜନାଲ ରେଗୁଲେସନ ଆଦି ମାମଲା ଅବୈଧ ନର୍ମାଣ ଆଦି ପୌରପାଳିକା କିମ୍ବା ଏନଏସି ଅଧିନରେ ରହିବ। ପୌରପାଳିକା ଅଥବା ଏନଏସି ପରିସର ବାହାରେ ଥିବା ଅଞ୍ଚଳ ପୂର୍ବ ପରି 'ବ୍ରିଟ' ଅଧୀନରେ ରହିବ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଚିଠି ନଂ ୭୧୮୪ ତା ୨୬/୪/୨୦୨୨ରେ ଏହି ନିର୍ଦ୍ଦେଶ ଦିଆଯାଇଛି। ଏହା ଫଳରେ ବାଲେଶ୍ୱର ପୌରପାଳିକା, ସୋର ପୌରପାଳିକା, ଜଳେସ୍ୱର ପୌରପାଳିକା, ନୀଳଗିରି ଏନଏସି ଅଞ୍ଚଳର ଆଉ ବାଲେଶ୍ୱର ବ୍ରିଟ ଅଧିନରେ ରହିବ ନାହିଁ।

# ନୂଆ ବର୍ଷରେ ନୂଆ ରୂପରେ ଜୀସାର୍ଥକର ଦାଦାଗିରି

ଖୋର୍ଦ୍ଧା (ପିଏନ୍)- ଓଡ଼ିଆ ନୂଆବର୍ଷରେ ନୂଆ ଚମକ ସହ ଜୀସାର୍ଥକର ଦାଦାଗିରି। ଏହି ଲୋକପ୍ରିୟ ରିୟଲିଟି ସୋରେ ପୁଣି ହେବ ପ୍ରତିଭାର ବିଜୟ। ଏହି କାର୍ଯ୍ୟକ୍ରମର ଟାଇଟଲ ରହିଛି ପ୍ରତିଭାର ଦାଦାଗିରି। ତେବେ ଏହି ସୋରେ ଏବେ ନଜରକୁ ଆସିବେ ଓଲିଉଡ଼ ମେଗା ଷ୍ଟାର ସିଦ୍ଧାନ୍ତ ମହାପାତ୍ର। ଓଡ଼ିଆ ଟେଲିଭିଜନରେ ପ୍ରଥମ ଥର ପାଇଁ ସିଦ୍ଧାନ୍ତ ମହାପାତ୍ର



ରିୟଲିଟି ସୋ'କୁ ହୋଷ୍ଟ କରିବେ। ଯାହାକୁ ନେଇ ପୁରା ଓଡ଼ିଶାବାସୀ ଏହି କାର୍ଯ୍ୟକ୍ରମକୁ ଚାହିଁ ବସିଛନ୍ତି। ମନୋରଂଜନ ସାଙ୍ଗକୁ ସୂଚନାଧର୍ମୀ ହେବ ପ୍ରତିଭାର ଦାଦାଗିରି। ଏହି ରିୟଲିଟି ସୋରେ ଓଡ଼ିଶାର କୋଣ ଅନୁକୋଣରୁ ପ୍ରତିଭା ଚୟନ କରିବେ ଓଲିଉଡ଼ ମେଗାଷ୍ଟାର ସିଦ୍ଧାନ୍ତ ମହାପାତ୍ର। ନିଜ ଅନ୍ଦାଜରେ ପ୍ରତିଯୋଗୀମାନଙ୍କ ସହ ମଜା ମସ୍ତି କରିବେ ମୁନା ଭାଇ। ମେଗା ରିୟଲିଟି ସୋ ଦାଦାଗିରି ଘରେ ଘରେ ସବୁ ବର୍ଗର ଲୋକଙ୍କ ମନୋରଂଜନ କରି ଆସିଛି। ଏହି ରିୟଲିଟି ସୋ ସିଦ୍ଧାନ୍ତଙ୍କ ଚମକରେ ଆହୁରି ଅଧିକ ଚମକିବ ବୋଲି ଚ୍ୟାନେଲ ପକ୍ଷରୁ ଜୀସାର୍ଥକ ଚ୍ୟାନେଲ ମୁଖ୍ୟ ଶ୍ରୀ ପ୍ରତିକ ସିଲ ମତ ଦେଇଛନ୍ତି। ଓଲିଉଡ଼ର ମେଗା ଷ୍ଟାର ସିଦ୍ଧାନ୍ତ ଅଭିନୟ, କ୍ରୀଡ଼ା, ରାଜନୀତି ସବୁଥିରେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଛନ୍ତି। ତେଣୁ ପ୍ରତିଭାର ଦାଦାଗିରିରେ ସିଦ୍ଧାନ୍ତଙ୍କ ହୋଷ୍ଟ ଏହି କାର୍ଯ୍ୟକ୍ରମରେ ତାର ଚାନ୍ଦ ଲଗାଇବ ବୋଲି କୁହାଯାଇପାରେ। ନବେ ଦଶକରୁ ନେଇ ଆଜି ଯାଏଁ ନିଜ ଅଭିନୟର ଯାଦୁରେ ଓଡ଼ିଶାବାସୀଙ୍କ ହୃଦୟ ଜିତି ଆସିଛନ୍ତି ସିଦ୍ଧାନ୍ତ ମହାପାତ୍ର। ପ୍ରାୟ ୧୮୦ରୁ ଅଧିକ ଓଡ଼ିଆ ସିନେମା ସହ ତାମିଲ ଓ ବଙ୍ଗଳା ସିନେମାରେ ଅଭିନୟ କରି ସମସ୍ତଙ୍କର ପସନ୍ଦ ହୋଇ ପାରିଛନ୍ତି ମୁନା ଭାଇ। ଆଜି ବି ଯୁବ ବର୍ଗଙ୍କ ପ୍ରଥମ ପସନ୍ଦ ସିଦ୍ଧାନ୍ତ ମହାପାତ୍ର। ଏବେ ବି ସିଦ୍ଧାନ୍ତଙ୍କ ଅଭିନିତ ପ୍ରତିଟି ସିନେମା ଦର୍ଶକ ଦେଖିବାକୁ ପାଗଳ ହୋଇଯାଆନ୍ତି। ସିରିୟଲରେ ମଧ୍ୟ ଅଭିନୟ କରି ଓଡ଼ିଆ ଦର୍ଶକଙ୍କ ମନ କିଣିଛନ୍ତି ମୁନା ଭାଇ। ସାତଥର ଓଡ଼ିଶା ଫିଲିମ ଫେୟାର ଆୱାର୍ଡ଼ ଜିତିବାରେ ସିଦ୍ଧାନ୍ତ ହେଉଛନ୍ତି ଏକମାତ୍ର ଓଲିଉଡ଼ ଅଭିନେତା। ନାୟକରୁ ଖଳନାୟକ ପ୍ରତିଟି ଅଭିନୟ ମନଛୁଆଁ ହୋଇଛି। ତେଣୁ ତାଙ୍କ ପ୍ରଶଂସକଂମାନେ ପ୍ରତିଭାର ଦାଦାଗିରିରେ ନିଜ ପ୍ରିୟ ଅଭିନେତା ସିଦ୍ଧାନ୍ତଙ୍କୁ ଏବେ ଦେଖିବାକୁ ପାଇବେ। ଏହି ସୋ'ଟି ଜୀ-ସାର୍ଥକରେ ପ୍ରତ୍ୟେକ ଶନିବାର ଓ ରବିବାର ରାତି ୯.୩୦ରେ ପ୍ରସାରିତ ହେବ।

# ଆନନ୍ଦପୁର ଅବକାରୀ ବିଭାଗର ଚଢାଉ, ୩ ଗିରଫ

ଆନନ୍ଦପୁର (ପିଏନ୍): କେନ୍ଦୁଝର ଜିଲ୍ଲା ଅବକାରୀ ଅଧିକ୍ଷକ ସୀତାରାମ ମୁଦୁଲିଙ୍କ ନିର୍ଦ୍ଦେଶ କ୍ରମେ ଆନନ୍ଦପୁରର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ଚଢାଉ କରି ୬୨ ଲିଟର ମହୁଲି ମଦ ସହିତ ୭୨୦ କେ.ଜି. ମହୁଲପୋଚ ଜବତ କରି ୩ ଜଣଙ୍କୁ ଗିରଫ କରିଛି । ଅବକାରୀ ନୀରିକ୍ଷକ ପ୍ରଫୁଲ କୁମାର ମହାନ୍ତ, ଉପନୀରିକ୍ଷକ ନରେନ୍ଦ୍ର କୁମାର ପ୍ରଧାନ ଆନନ୍ଦପୁର ଥାନା ଅନ୍ତର୍ଗତ ଫକୀରପୁର, ଶରଧାପୁର, ବାଉଁଶଗଡ, ରଟୁଆଁ, କଇନିପୁରା ପ୍ରଭୃତି ଗ୍ରାମର ବିଭିନ୍ନ ସ୍ଥାନରେ ଚୋରା ମଦ ବିକ୍ରୀ ଆଡ୍ଡା ଉପରେ ଚଢାଉ କରିଥିଲେ । ଚଢାଉ ବେଳେ ମଦ ପ୍ରସ୍ତୁତି ପାଇଁ ରଖାଯାଇଥିବା ଅନେକ ସରାମ ମଧ୍ୟ ଜବତ କରିଥିଲା । ଏହି ଚଢାଉରେ ଅବକାରୀ କର୍ମଚାରୀ ସଂଜୀବ ସେଠୀ, ସୁଶାନ୍ତ ରାଉତ, ଲକ୍ଷଣ ମହାନ୍ତ, ନିବେଦିତା ମାଝୀ ପ୍ରମୁଖ ସହଯୋଗ କରିଥିଲେ ।




# ବ୍ରହ୍ମାକୁମାରୀସ୍ ଓମ୍ ନିବାସରେ ୪୮ତମ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି



ଭୁବନେଶ୍ୱର,(ପି.ଏନ) : ବ୍ରହ୍ମାକୁମାରୀଜ୍, ଓମ୍ ନିବାସର ୪୮ତମ ବାର୍ଷିକ ଉତ୍ସବ ପାଳନ ତା ୨୧.୦୧.୨୦୨୪ରିଖ ରବିବାର ରିଜିଓନାଲ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେସନ୍, ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବାର୍ଷିକ ଉତ୍ସବରେ ପ୍ରଥମେ ସ୍ୱାଗତ ଗୀତ ବି.କେ. ଭାନୁଲତା ଓ ସ୍ୱାଗତ ନୃତ୍ୟ ପ୍ରାଚୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା । ତା'ପରେ ଦ୍ୱୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଭିଡ଼ିଓ ପ୍ରଦର୍ଶନୀ ମାଧ୍ୟମରେ ବାର୍ଷିକ ରିପୋର୍ଟର ବିବରଣୀ ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଶ୍ରୀଯୁକ୍ତ ଅରବିନ୍ଦ ଢାଲି, ମାନ୍ୟବର ଜୟଦେବ ବିଧାୟକ, ମୁଖ୍ୟବକ୍ତା ଭାବେ ମାଉ ଆବୁର ଆସିଥିବା ବରିଷ୍ଠ ରାଜଯୋଗୀ ବ୍ରହ୍ମାକୁମାର ଆତ୍ମପ୍ରକାଶ ଭାଇ ଯୋଗଦେଇ ସଂସ୍ଥା ଦ୍ୱାରା ପ୍ରଦ ରାଜଯୋଗର ମହ ୍ୱକୁ ପ୍ରତିବାଦିତ କରିଥିଲେ ଓ ରାଜଯୋଗ ମେଡିଟେସନ୍‌ର ଅନୁଭୂତି କରାଇଥିଲେ । ସମ୍ମାନନୀୟ ଅତିଥି ଭାବେ ଲୋକାୟୁକ୍ତ ସଭ୍ୟ ଶ୍ରୀଯୁକ୍ତ ଦେବବ୍ରତ ସ୍ୱାଇଁ, ଲୋକାୟୁକ୍ତ ଇନ୍‌କ୍ୱାରୀ ନିର୍ଦ୍ଦେଶକ ଶ୍ରୀଯୁକ୍ତ ତ୍ରିଲୋଚନ ପ୍ରଧାନ (ଆଇ.ଏ.ଏସ୍.), ରିଜିଓନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେସନ୍‌ର ପ୍ରିନ୍ସିପାଲ୍ ପ୍ରଫେସର ପି.ସି. ଅଗରୱାଲ୍ ଓ ବରିଷ୍ଠ ନାଗରିକ ସଂଘ ସମ୍ପାଦକ ଶ୍ରୀଯୁକ୍ତ ଯୁଗଳ କିଶୋର ସାହୁ ଯୋଗଦେଇ ସଂସ୍ଥାର ବିଶ୍ୱବ୍ୟାପୀ ସେବା ପାଇଁ ଭୂୟସୀ ପ୍ରଶଂସା କରିଥିଲେ । ଏଥିରେ ସହରର ବିଭିନ୍ନ ପ୍ରାନ୍ତରୁ ବ୍ରହ୍ମାକୁମାରୀ ଭାଇ ଓ ଭଉଣୀମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ । ଏତଦ୍‌ବ୍ୟତୀତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛୋଟ ଛୋଟ ଶିଶୁ କଳାକାରମାନେ ନିଜର ନୃତ୍ୟ ପରିବେଷଣ କରି ସମସ୍ତଙ୍କର ମନ ମୁଗ୍ଧ କରିଥିଲେ । ଏଥିରେ ସଭାପତିତ୍ୱ କରିଥିଲେ ମୁଖ୍ୟ ସେବାକେନ୍ଦ୍ର ସଂଚାଳିକା ବ୍ରହ୍ମାକୁମାରୀ ଗୀତା ଭଉଣୀ । ଏତଦ୍‌ବ୍ୟତୀତ ନ୍ୟାସ୍‌ନାଲ୍ କାମ୍ପେନିଙ୍ଗ୍ "ୟୁଥ୍ ଇଣ୍ଡିଆ ହେଲ୍‌ଦି ଇଣ୍ଡିଆ"ର ଶୁଭାରମ୍ଭ କରାଯାଇଥିଲା । ଏଥିରେ ପ୍ରାୟ ୧୦୦ ଜଣ ଯୁବା ଭାଇ ଭଉଣୀ ଯୋଗ ଦେଇଥିଲେ ।

# ଗାନ୍ଧୀଙ୍କ ରାମ ପୁସ୍ତକ ଲୋକାର୍ପିତ ହେଲା ମାଷ୍ଟର କ୍ୟାଣ୍ଟିନରେ

ଭୁବନେଶ୍ୱର,(ପି.ଏନ): ଅଯୋଧ୍ୟାରେ ଆଜି ରାମ ମନ୍ଦିରରେ ରାମଲାଲାଙ୍କ ମୂର୍ତ୍ତି ସ୍ଥାପିତ ହେବା ସମୟରେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ଗାନ୍ଧୀବାଦୀ ଗଣ ସଂଗଠନ ସମୂହଙ୍କ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ଲିଖିତ ଗାନ୍ଧୀଙ୍କ ରାମ ପୁସ୍ତକ ଲୋକାର୍ପିତ ହୋଇଯାଇଛି । ବିଶିଷ୍ଟ ଗାନ୍ଧୀବାଦୀ ଡାକ୍ତର ବିଶ୍ୱଜିତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବକ୍ତାମାନେ କହିଲେ ଯେ, ରାମ ଭାରତୀୟ ମାନଙ୍କର ଆରାଧ୍ୟ । ଭାରତୀୟମାନଙ୍କର ହୃଦୟରେ ସେ ଥାଆନ୍ତି । ମହାତ୍ମା ଗାନ୍ଧୀ ରାମଙ୍କର ଜଣେ ସଚ୍ଚା ଭକ୍ତ । ଜୀବନବ୍ୟାପୀ ରାମାୟଣ, ରାମନାମ, ରାମଧୂନ ଜପ କରି ରାମରାଜ୍ୟ ପାଇଁ ସଂଗ୍ରାମ କରୁଥିବା ମହାତ୍ମା ଗାନ୍ଧୀ ଗୁଳିବିଦ୍ଧ ଅବସ୍ଥାରେ ସୁଦ୍ଧା ହେ ରାମ କହି ସେ ଯେ, ରାମଙ୍କର ଅନନ୍ୟ ଭକ୍ତ ତାହା ପ୍ରମାଣ କରିପାରିଛନ୍ତି । ଗାନ୍ଧୀଜୀ ସବୁ ଧର୍ମକୁ ଏକ ଦୃଷ୍ଟିରେ ଦେଖୁଥିଲେ । ଆଲ୍ଲା, ଯୀଶୁ ଓ ରାମଙ୍କ ମଧ୍ୟରେ ସେ କୌଣସି ଫରକ ଦେଖୁନଥିଲେ । ଭାରତ ବର୍ଷ ସମ୍ବିଧାନ ଆଧାରରେ ଚାଲୁଥିବା ବେଳେ, ଭାରତର ପ୍ରଧାନମନ୍ତ୍ରୀ ରାମମନ୍ଦିର ପ୍ରତିଷ୍ଠା ଆଳରେ ରାମଙ୍କର ରାଜନୀତିକରଣ କରିବା ଗ୍ରହଣୀୟ ନୁହେଁ । ଧର୍ମ ଆଚରଣ ଏକ ବ୍ୟକ୍ତିଗତ ବିଚାର ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ଓ ଭାରତୀୟ ଜନତା ପାର୍ଟି ତଥା ଅନ୍ୟ ହିନ୍ଦୁତ୍ୱବାଦୀ ସଙ୍ଗଠନମାନେ ଏହାକୁ ଏକ ନିର୍ବାଚନୀ ଅସ୍ତ୍ର ରୂପେ ବ୍ୟବହାର କରିବା ଭାରତୀୟ ଗଣତନ୍ତ୍ର ପ୍ରତି ବିପଦ ବୋଲି ସଭାରେ ଉପସ୍ଥିତ ଆଧ୍ୟାତ୍ମିକ ଦର୍ଶନର ଲେଖକ ପୂର୍ଣ୍ଣଚନ୍ଦ୍ର ଦାଶ, ପ୍ରଫେସର ବିରେନ୍ଦ୍ର ନାୟକ, ପ୍ରଫେସର ମନୋରଞ୍ଜନ ମହାନ୍ତି, ବିଜୟ କୁମାର ତ୍ରିପାଠୀ, ଜଷ୍ଟିସ ମନୋରଞ୍ଜନ ମହାନ୍ତି, ଦେବପ୍ରସାଦ ରାୟ, ସନ୍ତୋଷ ଦାସ, ସୁରେଶ ପାଣିଗ୍ରାହୀ, ଡ. ବିଦ୍ୟୁତଲତା ମହାନ୍ତି, ଜୟନ୍ତ କୁମାର ଦାସ, ସୁଶାନ୍ତ ମହାପାତ୍ର, ଅନ୍ତର୍ଯାମୀ ବରାଳ, ନିରୁପମା ପାଣୀ, ସତୀଶ ମିଶ୍ର, ଅଶୋକ କୁମାର ସାହୁ, ଅନିମା ରାୟ, ଅରୁଣ କୁମାର ଜେନା, ସଙ୍ଘମିତ୍ରା ଜେନା, ସଂଗ୍ରାମ ମାଝି ପ୍ରମୁଖ କହିଥିଲେ ।ସଭା ପ୍ରାରମ୍ଭରେ ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସଭାନେତ୍ରୀ ତଥା ବିଶିଷ୍ଟ ଗାନ୍ଧୀବାଦୀ ନେତ୍ରୀ କୃଷ୍ଣା ମହାନ୍ତିଙ୍କ ନେତୃତ୍ୱରେ ସର୍ବ ଧର୍ମ ପ୍ରାର୍ଥନା ଆୟୋଜିତ କରାହୋଇଥିଲା । ଗାନ୍ଧୀଙ୍କ ରାମ ପୁସ୍ତକର ଅନୁବାଦକ ଜୟନ୍ତ କୁମାର ଦାସ ଓ ସମ୍ପାଦକ ମିହିର ପ୍ରତାପ ଦାସ ସଭାରେ ପୁସ୍ତକ ସମ୍ବନ୍ଧରେ ଆଲୋଚନା କରିଥିବା ବେଳେ ରାଷ୍ଟ୍ରୀୟ ଯୁବା ସଂଗଠନର ସଂଯୋଜକ ସୂର୍ଯ୍ୟ ନାରାୟଣ ନାଥ ଧନ୍ୟବାଦ ଦେଇଥିଲେ ଓ ମାନସ ପଟ୍ଟନାୟକ ସଭା ସଂଚାଳନ କରିଥିଲେ ।

# ଜିଲ୍ଲାପାଳଙ୍କ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପ ପରିଦର୍ଶନ, ବିସ୍ଥାପିତ ସହାୟତା ସମିତିର ଦାବୀପତ୍ର ପ୍ରଦାନ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାପାଳ ସ୍ୱାଧାଦେବ ସିଂ ଖଡିଆଳ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପକୁ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରି ଫେରି ଯାଇଛନ୍ତି । ସେ ଡ୍ୟାମକୁ ବୁଲି ଦେଖିବା ସହ ବିଭାଗୀୟ ଅଧିକାରୀ ମାନଙ୍କ ସହ ବୈଠକ କରିଥିଲେ । ଏହି ଅବସରରେ ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତି ପକ୍ଷରୁ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ୧୪ ଦଫା ଦାବୀପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ ଦାବୀପତ୍ରକୁ ଗ୍ରହଣ କରି ଦାବୀ ସବୁର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ । ଦାବୀପତ୍ରରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ୮ ଗୋଟି ବୁଡି ଗ୍ରାମର ପ୍ରାୟ ୨୫୦୦ ବିସ୍ଥାପିତ ପରିବାରଙ୍କୁ ପ୍ରଶାସନିକସ୍ତରରେ ବିଚାରାଧିନଥିବା ସହାୟତା ରାଶିଙ୍କୁ ତୁରନ୍ତ ପ୍ରଦାନ କରାଯିବା, ଜମିର କ୍ଷତିପୂରଣ ପ୍ରଦାନ ବିରୋଧରେ ଜିଲା ଦୌରାଜଜ ନିମ୍ନ ଅଦାଳତରେ ଫଇସଲା ସରି ନିଷ୍ପି ହୋଇ ସାରିଥିବା ଜମିର କ୍ଷତିପୂରଣ ରାଶି ତୁରନ୍ତ ପ୍ରଦାନ କରିବା, ବିସ୍ଥାପିତ ଥଇଥାନ ସହାୟତା ରାଶି ନିର୍ଦ୍ଧାରିତ ଶେଷ ସମୟ ସୀମା ପର୍ଯ୍ୟନ୍ତ ଯୋଗ୍ୟ ବିବେଚିତ ସମସ୍ତ ବିସ୍ଥାପିତଙ୍କୁ ଥଇଥାନ ରାଶି ପ୍ରଦାନ କରିବା, ସମ୍ପୂର୍ଣ୍ଣ ବୁଡିଗ୍ରାମରେ ଭୂମିହୀନ ପ୍ରଜାଙ୍କୁ ୧୯୯୪ ଥଇଥାନ ନୀତି ଅନୁଯାୟୀ ଥଇଥାନ ରାଶି ପାଇଥିବା ବେଳେ ବ ମାନ ସେମାନଙ୍କ ଯୋଗ୍ୟ ପୁଅଝିଅ ମାନଙ୍କୁ ଥଇଥାନ ନୀତି ୨୦୦୬ ଅନୁଯାୟୀ ବିସ୍ଥାପିତ ରାଶି ପ୍ରଦାନ, ବିସ୍ଥାପିତ ହୋଇଥିବା ପରିବାରଙ୍କ ବକେୟା ଥିବା ଥଇଥାନ ରାଶି ନୂତନ ବସତିରେ କିଣିଥିବା ଜମି, ଘରଡିହର ରେଜିଷ୍ଟ୍ରେସନ ଫିଜ, ରକ୍ଷଣାବେକ୍ଷଣ, ପରିବହନ ଓ ଅନ୍ୟାନ୍ୟ ଆନୁସାଙ୍ଗିକା

## ଖଡିଆଳ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଠିକା କାମକୁ ନେଇ ଗୁଳିକାଣ୍ଡ

ନୂଆପଡା,(ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଠିକା କାମକୁ ନେଇ ଏକ ଗୁଳିକାଣ୍ଡ ହୋଇଥିବା ସୂଚନା ମିଳିଛି । ଖଡିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗର ୧୯ ଗୋଟି ଠିକା କାମକୁ ନେଇ ଏହି ଗୁଳିକାଣ୍ଡ ଘଟିଥିବା ବେଳେ ଜଣେ ଠିକାଦାର ଅଳ୍ପକେ ରକ୍ଷା ପାଇଯାଇଛନ୍ତି । ଶୁକ୍ରବାର ଖଡିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗରେ ଠିକା କାମ ନେଇ ଟେଣ୍ଡର ଜଣାପଡିବା ପରେ ଠିକାଦାର ମାନେ ବିଭାଗୀୟ କାର୍ଯ୍ୟାଳୟକୁ ଯାଇ କିଏ କିଏ କାମ ପାଇଛି ବୋଲି ଦେଖୁଥିଲେ । ଏଥିରେ କ ।ବାଞ୍ଜି ଏବଂ ଖଡିଆଳର ଠିକାଦାର ମାନେ ଥିଲେ । ହେଲେ ସେଠାରେ କିଛି ଠିକାଦାର ମାନଙ୍କ ମଧ୍ୟରେ ବଚସା ହୋଇଥିଲା । ହେଲେ ୨ ଗୋଟି ବନ୍ଧୁକ ନେଇ ଆସିଥିବା କ ।ବାଞ୍ଜିର ଠିକାଦାର ଜଣକ ଅଫିସ ବାହାରକୁ ଆସି ଗୁଳି କରିଥିଲେ । ଏହି ଗୁଳି ଖଡିଆଳର ଠିକାଦାର ପବନ କୁମାର ଅଗ୍ରୱାଲଙ୍କ ବାମ ହାତକୁ ଛୁଇଁ ଚାଲି ଯାଇଥିଲା । ଯାହାଫଳରେ ପବନ କୁମାର ଅଗ୍ରୱାଲଙ୍କ ବାମ ହାତରେ ଅଳ୍ପ କ୍ଷତ ହୋଇଥିବା ବେଳେ ସେ ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି । ଏନେଇ ପବନ କୁମାର ଅଗ୍ରୱାଲଙ୍କ ଅଭିଯୋଗ କ୍ରମେ ପୁଲିସ ୨୫୧/୨୦୨୦ ରେ ଏକ ମାମଲା ରୁଜୁ କରି କ ।ବାଞ୍ଜିର ୩ ଜଣ ଠିକାଦାର ଗିରିଦାସ ସିଂ ମାଝୀ ଓ ତାଙ୍କ ଭାଇ ଶୋଭାରାଜ ସିଂମାଝୀଙ୍କ ସହ ଡ୍ରାଇଭର ଚୈତନ୍ୟ ମାଝୀଙ୍କୁ ଅଟକ ରଖିଛନ୍ତି । ଏହାସହ ୨ ଗୋଟି ବନ୍ଧୁକ ସହ ଇନୋଭା ଗାଡିକୁ ଜବତ କରିଥିବା ବେଳେ ପୁଲିସ ଘଟଣାର ତଦନ୍ତ ଚଳାଇଥିବା ନେଇ ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି ।

# ଅବ୍ୟବସ୍ଥା ଘେରରେ ତୁକଲା ଷ୍ଟେଟ ବ୍ୟାଙ୍କ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାର ବୃହ ମ ଗ୍ରାମ ତୁକଲା । ଏହି ଗ୍ରାମ ଉପରେ ଶତାଧିକ ଗ୍ରାମର ଲୋକେ ନିର୍ଭର କରନ୍ତି । ତୁକଲାରେ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ, ସମବାୟ ସମିତି ସହ ଷ୍ଟେଟ ବ୍ୟାଙ୍କ ରହିଛି । ଲେଣ ଦେଣ ସୁବିଧା ଦୃଷ୍ଟିରୁ ଅଧିକାଂଶ ଲୋକଙ୍କ ଷ୍ଟେଟ ବ୍ୟାଙ୍କରେ ଉକାଉ ରହିଛି କିନ୍ତୁ ଆବଶ୍ୟକ କର୍ମଚାରୀ ଅଭାବରୁ ଲୋକେ ଠିକ ଭାବରେ ସୁବିଧାସୁଯୋଗ ପାଇପାରୁ ନାହାନ୍ତି । ନିୟମ ଅନୁଯାୟୀ ଶାଖା ପରିଚାଳକଙ୍କ ସହ ୩ ଜଣ ଷ୍ଟାଫ ରହିବା କଥା କିନ୍ତୁ ଶାଖା ପରିଚାଳକ ଏବଂ ଜଣେ ଫିଲ୍‌ଡ ଅଫିସର ଅଛନ୍ତି । ଏଇ କିଛି ଦିନ ତଳେ କ୍ୟାସିଅର ଜଣକ ଇସ୍ତଫା ଦେଇ ଅନ୍ୟ ବ୍ୟାଙ୍କରେ ଯୋଗ ଦେଇଛନ୍ତି । ଫଳରେ ଜଣେ କର୍ମଚାରୀରେ କାର୍ଯ୍ୟକାରିବା ସଫଳ ହୋଇପାରୁନାହିଁ । ଲୋକେ ମଧ୍ୟ ବହୁତ ହଇରାଣ ହରକତ ହେଉଛନ୍ତି । ଲୋକେ ଟଙ୍କା ଡିପୋଜିଟ କିମ୍ବା ଉଠାଣ ସକାଶେ ଘ । ଘ । ଜଗି ରହୁଥିବା ବେଳେ ପାସବୁକ ପ୍ରି ମଧ୍ୟ ହୋଇ ପାରୁନାହିଁ । ଯାହାଫଳରେ ଅନେକ ନିରକ୍ଷର ଲୋକେ ତାଙ୍କ ଏକାଉ ରେ କେତେ ଟଙ୍କା ଅଛି ଜାଣି ପାରୁନାହାନ୍ତି । ଫଳରେ ଏଠାରେ ଆଉ ୨ ଜଣ ଷ୍ଟାଫ ଦେବା ପାଇଁ ଲୋକେ ଦାବୀ କରିଛନ୍ତି । ଏନେଇ ଶାଖା ପରିଚାଳକ ସୌମ୍ୟ ରଞ୍ଜନ ଦାଶଙ୍କୁ ପଚାରିବାରୁ କର୍ମଚାରୀ ଅଭାବକୁ ସ୍ୱିକାର କରିଥିଲେ କିନ୍ତୁ କୌଣସି କାର୍ଯ୍ୟ ଏଥିପାଇଁ ଅଟକୁ ନାହିଁ ବୋଲି ପ୍ରକାଶ କରିଥିଲେ । ଅନ୍ୟପକ୍ଷରେ ତୁକଲା ଠାରେ ଥିବା ଷ୍ଟେଟ ବ୍ୟାଙ୍କର ଏଟିଏମ ଗତ ୭/୮ ମାସ ହେବ ବନ୍ଦ ରହିଛି । ଯାହାଦ୍ୱାରା ଏଟିଏମ ଥିବା ଲୋକେ ଖଡିଆଳ କିମ୍ବା ସିନ୍ଧେକେଲାକୁ ଯାଇ ଟଙ୍କା ଉଠାଣ କରୁଛନ୍ତି । ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ କର୍ମଚାରୀ ଯୋଗାଣ ସହ ଏଟିଏମକୁ ସଚଳ କରିବାକୁ ସାଧାରଣରେ ଦାବୀ ହେଉଛି ।

# ଚିକିତ୍ସା ଅଭାବରୁ ତିନି ବର୍ଷ ହେଲା ଖଟରେ ଶୋଇ ରହିଛନ୍ତି ରୁଆବତୀ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ବାଲିଗୁଡା ବ୍ଲକ ବୁଡୁରିକିଆ ପଂଚାୟତ ମାଦିନାଟ ପସାରୀ ସାହିରେ ରୁଆବତୀ ମଲ୍ଲିକ (୪୫)ଖଟରେ ପଡି ରହି କଷ୍ଟ ପାଉଛନ୍ତି ପ୍ରତି ମାସରେ ସ୍ତ୍ରୀ ରୋଗ ଜନିତ ସମସ୍ୟା ଦେଖାଯାଉଛି ବୋଲି କହିଛନ୍ତି । ଏନେଇ ତାଙ୍କର ଦେହ ଶୁଖି ଶୁଖି ଯାଉଛି,ସ୍ୱାମୀ ଏବଂ ତିନୋଟି ପୁଅ ଗୋଟିଏ ଝିଅ ସହ ରୁହନ୍ତି । ସ୍ୱାମୀ ଦିନ ମଜୁରିଆ ଭାବେ କାମ କରି ଘର ଚଳାଉଛନ୍ତି । ପିଲାମାନଙ୍କ ପାଠ ପଢ଼ାରେ ଏବଂ ଘର ଖର୍ଚ୍ଚ କରି ବଳକା ହେଲେ କିଛି ଔଷଧ କିଣିବାକୁ ଅସମର୍ଥ ଅଟନ୍ତି । ସବୁ ମାସରେ ଔଷଧ କିଣିବାକୁ ଅର୍ଥ ଯୋଗାଡ ହୋଇପାରେ ନାହିଁ । ରୁଆବତୀଙ୍କ ସ୍ୱାମୀ ନାଜିରା ମଲ୍ଲିକ କହିବା ଅନୁଯାୟୀ ସେ ପ୍ରଥମେ ତାଙ୍କ ସ୍ତ୍ରୀଙ୍କୁ ଧରି ବାଲିଗୁଡା ମେଡିକାଲକୁ ନେଇଥିଲେ ସେଠାରେ ଡାକ୍ତର ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ ପରାମର୍ଶ ଦେଇଥିଲେ । ସେଠାରେ ମଧ୍ୟ ସେହି ସମସ୍ୟା ମୁଖ୍ୟ ଡାକ୍ତରଖାନାର ଡାକ୍ତର ବ୍ରହ୍ମପୁର ନେବାକୁ କହିଥିଲେ । ନାଜିରାଙ୍କ ପାଖରେ ବ୍ରହ୍ମପୁର ନେବାପାଇଁ ଆର୍ଥିକ ସମ୍ବଳ ନଥିବାରୁ ସେହିଦିନଠାରୁ ରୁଆବତୀ ଖଟରେ ଜୀବନ ବିତାଉଛନ୍ତି । ତାଙ୍କ ଦୁଃଖରେ ସ୍ୱାମୀ ମଧ୍ୟ ଭାଙ୍ଗି ପଡିଛନ୍ତି । ସେ କହିଛନ୍ତି ସରକାର ଏତେ ଯୋଜନା କରିଛନ୍ତି ଅଥଚ ଆମ ଭଳିଆ ଗରିବ ଆଦିବାସୀଙ୍କ ନିକଟକୁ କାହିଁକି ପହଂଚିପାରୁ ନାହିଁ । ନେତା ରାଜନେତା ସମସ୍ତେ ଆସନ୍ତି ଭୋଟ ନେବାକୁ ହେଲେ ଆମ ଗୁହାରୀ କେହି ଶୁଣୁ ନାହାନ୍ତି । ତେଣୁ ସରକାରଙ୍କ ତରଫରୁ ଯଦି କିଛି ସହାୟତା ମିଳିପାରନ୍ତା ମୋ ସ୍ତ୍ରୀ ନିଶ୍ଚୟ ଭଲ ହୋଇପାରନ୍ତା ବୋଲି କହିଛନ୍ତି ଗରିବ ଆଦିବାସୀ ନାଜିରା ।

## ଘଟଗାଁଅ ଳରେ କରୋନା ପରୀକ୍ଷା କେନ୍ଦ୍ର ଖୋଲିବାକୁ ଦାବି

ଗୋଳାବନ୍ଧ(ପିଏନ)-ଗତ କିଛିଦିନ ତଳେ ଘଟଗାଁ ବ୍ଲକ ଖୁ । ଗ୍ରାମର ବିଭୂ ଶତପଥି ନାମକ ଜଣେ ଯୁବକ ତାଙ୍କ ଆଙ୍ଗୁଳୀ ସର୍ଜରୀ କରିବା ପାଇଁ କଟକ ସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ଯାଇଥିବା ବେଳେ ତାଙ୍କର କରୋନା ପଜିଟିଭ୍ ବାହାରିବାରୁ ଉଚିତ୍ ଔଷଧ ପ୍ରଦାନ କରି ତାଙ୍କୁ ଘରକୁ ଫେରାଇ ଦେଇଥିଲେ ଏବଂ କରୋନା ଭଲ ହେବାପରେ ଆଙ୍ଗୁଳି ସର୍ଜରି କରିବାକୁ କହିଥିଲେ । ସେ ଘରେ ପହଂଚି ପରିବାର ଲୋକ ସମସ୍ତଙ୍କ କରୋନା ପରୀକ୍ଷା କରିବାକୁ ଚାହିଁଥେଲ ମଧ୍ୟ ବିଫଳ ହୋଇଥିଲେ । କାରଣ ଘଟଗାଁରେ ସେଭଳି ସୁବିଧା ନଥିବା ବେଳେ କୌଣସି ଗାଡି ବାଲା କେନ୍ଦୁଝରକୁ ନେବାପାଇଁ ରାଜି ହୋଇ ନଥିଲେ । ଶ୍ରୀ ଶତପଥି ନିଜର ସମସ୍ୟା ଆମକୁ ଜଣାଇବା ପରେ ଆମେ ଘଟଗାଁ ଡାକ୍ତରଖାନାର ମୁଖ୍ୟ ଡାଃ ମୁକ୍ତିକାନ୍ତ ନାୟକ ଏବଂ ଏବିଡିଓ ଚି ରଞ୍ଜନ ନାୟକଙ୍କୁ ଯୋଗାଯୋଗ କରିଥିଲୁ ଏବଂ ଶ୍ରୀ ଶତପଥିଙ୍କ ପରିବାରର ସମସ୍ତ ସଦସ୍ୟଙ୍କୁ କେନ୍ଦୁଝର ନେବାର ବନ୍ଦୋବସ୍ତ କରି କରୋନା କରୀକ୍ଷା କରାଇଥିଲେ । ରିପୋର୍ଟ ଆସିବା ପର୍ଯ୍ୟନ୍ତ ହୋମ୍ କ୍ୱାରେ ।ଇନ୍‌ରେ ରହିବାକୁ ପରାମର୍ଶ ଦେଇଥିଲେ । ତେଣୁ ପରିବାରର ସମସ୍ତ ସଦସ୍ୟ ଆଶ୍ୱସ୍ତି ଅନୁଭବ କରିବା ସହ ଏପରି କ ବ୍ୟନିଷ୍ଠା ଡାକ୍ତର ଶ୍ରୀ ନାୟକ ଏବଂ ଏବିଡିଓ ଶ୍ରୀ ନାୟକଙ୍କୁ ଧନ୍ୟବାଦ ଦେଇଥିଲେ । ତେଣୁ ଆଗାମୀ ଦିନରେ ଘଟଗାଁ ଅଂଚଳ ଜନସାଧାରଣ ଏପରି ଅସୁବିଧାର ସମ୍ମୁଖୀନ ନହେବା ପାଇଁ କରୋନା ପରୀକ୍ଷା କେନ୍ଦ୍ର ଖୋଲିବାକୁ ସାଧାରଣରେ ଦାବି ହେଉଛି ।

## କରୋନା ମହାମାରୀ ବିରୁଦ୍ଧରେ ଲଢେଇ ପାଇଁ ଶପଥ ନେଲେ ପୂର୍ବତଟ ରେଳପଥ କର୍ମଚାରୀ

ଭୁବନେଶ୍ୱର, (ପିଏନ)- ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରାରମ୍ଭ କରାଯାଇଥିବା ଜନ ଆନ୍ଦୋଳନ ଅଭିଯାନରେ କରୋନା ବିରୁଦ୍ଧ ଲଢେଇ କୁ ସମ୍ମାନ ଦେଇ ପୂର୍ବ ତଟ ରେଳପଥ ଏହି ଜନ ଆନ୍ଦୋଳନର ମୁଖ୍ୟ ବୈଶିଷ୍ଟ୍ୟ ଅନୁସରଣ ଯଥା ମାସ୍କ ପିନ୍ଧିବା, ବାରମ୍ବାର ହାତ ଧୋଇବା, ସାମାଜିକ ଦୂରତା ଅନୁସରଣ କରିବା ଏବଂ ଦୁଇ ଗଜ ଦୂରତା ରଖିବାର ଅଭ୍ୟାସ ଜାରିରଖିବାକୁ ଏହାର କର୍ମଚାରୀ, ରେଳ ବ୍ୟବହାରକାରୀ ଏବଂ ଯାତ୍ରୀମାନଙ୍କୁ ନିବେଦନ କରିଛି । ଏହି ଜନ ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ବିଦ୍ୟା ଭୂଷଣ ଭିଡିଓ କନଫେରେନସିଙ୍ଗ ମାଧ୍ୟମରେ ରେଳପଥର କର୍ମଚାରୀମାନଙ୍କୁ ସର୍ବଦା ସଜାଗ ରହିବାକୁ ଏବଂ କୋଭିଡ୍-୧୯ ରୁ ନିଜେ ତଥା ସେମାନଙ୍କ ସହକର୍ମୀଙ୍କ ପ୍ରତି ବିପଦ ନରଖିବାକୁ ଶପଥ ପାଠ କରାଇବା ସହ ସମସ୍ତ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାକୁ ପ୍ରତିଜ୍ଞା କରାଇଥିଲେ । ଉପଯୁକ୍ତ କୋଭିଡି ଆଚରଣ ଅନୁସରଣ କରିବାକୁ ଅନ୍ୟମାନଙ୍କୁ ପ୍ରେରଣା ଏବଂ ଉତ୍ସାହିତ କରିବାକୁ ପ୍ରତିଜ୍ଞା କରାଇଥିଲେ । କର୍ମଚାରୀମାନେ ବିଶେଷ କରି ସର୍ବସାଧାରଣ ସ୍ଥାନରେ ସର୍ବଦା ମାସ୍କ ପିନ୍ଧିବାକୁ, ଅନ୍ୟମାନଙ୍କଠାରୁ ସର୍ବନିମ୍ନ ଦୂରତା ରଖିବାକୁ, ବାରମ୍ବାର ସାବୁନ୍ ଏବଂ ପାଣିରେ ହାତ ଧୋଇବାକୁ ଏବଂ କୋଭିଡ଼୍୧୯ ବିରୁଦ୍ଧରେ ଲଢେଇ କରିବାକୁ ଶପଥ ନେଇଛନ୍ତି । ଭିଡିଓ କନଫେରେନସିଙ୍ଗ ମାଧ୍ୟମରେ କରୋନା ମହାମାରୀ ବିରୁଦ୍ଧରେ ଲଢେଇ ପାଇଁ ଶପଥ ପାଠ ଉତ୍ସବରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଶ୍ରୀ ସୁଧୀର କୁମାର, ସମସ୍ତ ପ୍ରମୁଖ ବିଭାଗୀୟ ଅଧିକାରୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ମାନଙ୍କ ସହ କର୍ମଚାରୀମାନେ ମଧ୍ୟ ସାମାଜିକ ଦୂରତା ରଖି ଶପଥ ପାଠ ଉତ୍ସବ ରେ ଭାଗ ନେଇଥିଲେ ।

# ବାଲିଆଗୋଡା ସର୍ଭିସ୍ ରୋଡ୍ ପାଲଟିଛି ମରଣଯନ୍ତା, କୁମ୍ଭକର୍ଣ୍ଣ ନିଦ୍ରାରେ ପ୍ରଶାସନ



କେନ୍ଦୁଝର(ପିଏନ)-କଥାରେ ଅଛି ଦେଲା ପୁଅ ଗେହ୍ଲା ନ ଦେଲା ପୁଅ ମଲା । କିନ୍ତୁ କେନ୍ଦୁଝର ଜିଲ୍ଲା ପାଇଁ ଏହି ଉକ୍ତିଟି ସମ୍ପୂର୍ଣ୍ଣ ବିପରୀତ । ରାଜ୍ୟ ରାଜକୋଷକୁ ସିଂହ ଭାଗର ରାଜସ୍ୱ ଦେଇ ଆସୁଥିବା କେନ୍ଦୁଝର ଜିଲ୍ଲା ସେଦିନ ଅବେହଳିତ ଥିଲା ଆଜି ବି ଅବହେଳିତ ହୋଇ ପଡି ରହିଛି । ଏଠାରେ ନାଁ ଅଛି ବିକାଶ ନାଁ ଅଛି ପ୍ରଗତୀ, ଏଠାରେ ପ୍ରାୟତଃ ସରକାରଙ୍କ ଯୋଜନା ପ୍ରଚାର ପ୍ରସାରରେ ସୀମିତ । ଯାହା କେନ୍ଦୁଝର ଜିଲ୍ଲା ସଦର ମହକୁମା ଠାରୁ ମାତ୍ର ଅଳ୍ପ କିଛି ଦୂରରେ ଥିବା ବାଲିଆଗୋଡା ସ୍ଥିତ ସର୍ଭିସ୍ ରୋଡ୍‌କୁ ଦେଖିଲେ ସହଜରେ ଜଣା ପଡିଯାଉଛି । କେନ୍ଦୁଝର ଜିଲ୍ଲା ଖଣିଜ ସାମଗ୍ରୀରେ ଭରପୁର ଥିବାରୁ ପ୍ରାୟ ସବୁଦିନ ଏହି ରାସ୍ତା ଦେଇ ଶହ ଶହ ଟ୍ରିପ୍ ଖଣିଜ ସାମଗ୍ରୀ ପରିବହନ ହୋଇଥାଏ । କିନ୍ତୁ ଯେଉଁ ରାସ୍ତା ପାଇଁ ରାଜକୋଷକୁ କୋଟି କୋଟି ଟଙ୍କାର ରାଜସ୍ୱ ଯାଇଥାଏ ସେହି ରାସ୍ତାର ଅବସ୍ଥା ସ୍ୱ ଚକ୍ଷୁରେ ନ ଦେଖିଲେ ବିଶ୍ୱସ ହେବନାହିଁ । ବିଶେଷ କରି ବାଲିଆଗୋଡା ଠାରେ ଥିବା ସର୍ଭିସ ରୋଡ୍‌ରେ ପ୍ରାୟ ୩ଫୁଟର ଖାଲ ହେବା ଫଳରେ ମୋଟରସାଇକେଲ ବି ଆସିବା କଷ୍ଟକର ହୋଇ ପଡିଛି । ରାସ୍ତାର ଅବସ୍ଥା ଏପରି ହୋଇଛି ଯେ ଏହି ରାସ୍ତା ଦେଇ ସିରିୟସ ରୋଗିଟିଏକୁ ନେଇ ଆସୁଥିବା ଆମ୍ବୁଲାନ୍ସ ଡାକ୍ତରଖାନାରେ ପହଂଚି ନପାରିବା ପ୍ରଶାସନର ପାରିବା ପଣିଆ ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । ଏହି ରାସ୍ତା ଦେଇ ଅଟୋ କିମ୍ବା ଚାରି ଚକିଆ ଯାନ ଆସିପାରୁ ନଥିବା ବେଳେ ଭାରୀଯାନ ଜୋର ଜବରଦ୍ସ୍ତ ଆସିବା ଯୋଗୁଁ ରାସ୍ତାର ଖାଲରେ ପଡି ଯାନ୍ତ୍ରୀକ ତ୍ରୁଟି ହେବା ଫଳରେ ଦିନ ଦିନ ଧରି ରାସ୍ତା ଉପରେ ଅଟକି ରହୁଛି । ଫଳରେ ଅନେକ ସମୟରେ ରାସ୍ତା ଜାମ୍ ରହିବା ଯୋଗୁଁ ସାଧାରଣ ଜନତା ଯାତାୟତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ଜିଲ୍ଲା ଖଣିଜ ପ୍ରତିଷ୍ଠାନରେ ହଜାର ହଜାର କୋଟି ଟଙ୍କା ଗଛିତ ଥିବାବେଳେ ସଦର ମହକୁମା ଠାରୁ ମାତ୍ର ୩କି.ମି. ଦୂରରେ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇ ପଡିଛି । କହିବାକୁ ଗଲେ ପ୍ରଶାସନର ଉଦାସିନତା ଯୋଗୁଁ ଏହି ରାସ୍ତା ଏବେ ପାଲଟିଛି ମରଣଯନ୍ତା । କାରଣ ବାରମ୍ବାର ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଓ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ କିଛିଦିନ ପୂର୍ବରୁ ପ୍ରଶାସନ ତରଫରୁ କିଛି ଚିପ୍ସ ଓ ବଜୁରୀ ରାସ୍ତାରେ ପକାଇ ଦେଇ ନିଜର କ ବ୍ୟ ସାରି ଦେଇଥିଲେ । କିନ୍ତୁ ଏହା ୧୫ଦିନ ମଧ୍ୟରେ ଅବସ୍ଥା ପୁଣି ଯଥା ପୂର୍ବଂ ତଥା ପରଂ । ଯଦି କେନ୍ଦୁଝର ମହକୁମାରୁ ଚମ୍ପୁଆ, ଝୁମ୍ପୁରା, ଯୋଡା, ବଡବିଲ ଆଦି ମହତ୍ୱପୂର୍ଣ୍ଣ ଜାଗାକୁ ଯିବା ଆସିବା କରିବାର ମୁଖ୍ୟ ରାସ୍ତାର ଅବସ୍ଥା ଏୟା ତେବେ ଗାଁ ଗହଳି ମାନଙ୍କର ରାସ୍ତାର ଅବସ୍ଥା କଣ ହୋଇଥିବ ସହଜରେ ଅନୁମାନ କରି ହେଉଛି ବୋଲି ଜନସାଧାରଣରେ ଆଲୋଚନା ହେଉଛି ।

# ପଦୋନ୍ନତି ତାଲିକାକୁ ନେଇ ଶିକ୍ଷକ ମହଲରେ ଅସନ୍ତୋଷ

କେନ୍ଦୁଝର(ପିଏନ)- କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକରେ କାର୍ଯ୍ୟରତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପଦୋନ୍ନତି ନିମନ୍ତେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚୂଡାନ୍ତ ପଦୋନ୍ନତି ତାଲିକା ପ୍ରକାଶ ପାଇଛି । ତେବେ ଏହି ତାଲିକା ଯୋଗୁଁ ଅନେକ ଯୋଗ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ପଦୋନ୍ନତି ପାଇବାରୁ ବ ିତ ହୋଇଥିବାରୁ ଏହି ତାଲିକା ସଂଶୋଧନ କରି ପଦୋନ୍ନତିରୁ ବ ିତ ହୋଇଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସାମିଲ କରିବା ପାଇଁ ଜିଲ୍ଲାର କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିବେଦନ କରିଛନ୍ତି । ଅଭିଯୋଗ ମୁତାବକ, କେନ୍ଦୁଝର ଶିକ୍ଷା ଜିଲ୍ଲା କାର୍ଯ୍ୟାଳୟ ପକ୍ଷରୁ ସେପ୍ଟେମ୍ବର ୧୬ ତାରିଖରେ ଜିଲ୍ଲାର ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ଲେଭେଲ ୫, 'ଏ' ରୁ ଲେଭେଲ ୫, 'ବି' କୁ ପଦୋନ୍ନତି ପାଇଁ ଚୁଡାନ୍ତ ପଦୋନ୍ନତି ତାଲିକା ପ୍ରକାଶ କରାଯାଇଛି । ଏହି ପଦୋନ୍ନତି ତାଲିକା ଗଣଶିକ୍ଷା ବିଭାଗ ନିର୍ଦ୍ଦେଶନାମା ଅନୁଯାୟୀ ପ୍ରସ୍ତୁତ କରାଯାଇନଥିବା ଅଭିଯୋଗ ହେଉଛି । ଶିକ୍ଷା ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ ମାଟ୍ରିକ ସିଟି, ଯୁକ୍ତ ୨ ସିଟି ଏବଂ ଗ୍ରାଜୁଏଟ ସିଟି ଧାରୀ ୫୦ ପ୍ରତିଶତ ଶିକ୍ଷକ ଶିକ୍ଷୟିତ୍ରୀ କ୍ୟାଟେଗୋରୀ-୧ ରେ ରହିବେ । କ୍ୟାଟେଗୋରୀ-୨ରେ ୫୦ ପ୍ରତିଶତ ଗ୍ରାଜୁଏଟ,ବିଇଡି ଏବଂ ୨୦୧୧ ମସିହା ପରେ ଯେଉଁ ଗ୍ରାଜୁଏଟ ସିଟି ଧାରୀ ଶିକ୍ଷକମାନେ ବିଷୟଭି ିକ ଶିକ୍ଷକ ଭାବେ ନିଯୁକ୍ତି ପାଇବା ସହ ଓଟିଇଟି-୨ ପାସ୍ କରିଥିବେ । ସେହି ଶିକ୍ଷକମାନଙ୍କୁ ସାମିଲ କରାଯିବା କଥା । କିନ୍ତୁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ପଦୋନ୍ନତି ତାଲିକାରେ କ୍ୟାଟେଗୋରୀ-୧ ରେ ଥିବା ଗ୍ରାଜୁଏଟ ସିଟି ଧାରୀ ଶିକ୍ଷକଙ୍କୁ ନେଇ କ୍ୟାଟେଗୋରୀ-୨ ରେ ସାମିଲ କରାଯାଇ ପଦୋନ୍ନତି ଦିଆଯାଇଛି । ଫଳରେ କ୍ୟାଟେଗୋରୀ-୨ ରେ ଥିବା ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ପଦୋନ୍ନତିରୁ ବ ିତ ହୋଇଛନ୍ତି । ସେହିପରି ପଦୋନ୍ନତି ପାଇଥିବା ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଚାକିରୀରେ ଥାଇ ଉଚ୍ଚ ଶିକ୍ଷା କଲାବେଳେ ବିଭାଗୀୟ ଅଧିକାରୀଙ୍କଠାରୁ ଠିକ୍ ଭାବେ ଅନୁମତି ପତ୍ର ନଆଣି ଉଚ୍ଚ ଶିକ୍ଷା ହାସଲ କରିଛନ୍ତି । ଅନୁସନ୍ଧାନରୁ ଜଣାଯାଇଛି କେତେକ ଶିକ୍ଷକ ଶିକ୍ଷୟିତ୍ରୀ, ଯେଉଁମାନେ କି ଅନୁମତି ପତ୍ର ନଆଣି ଉଚ୍ଚ ଶିକ୍ଷା ହାସଲ କରିଛନ୍ତି, ଏବେ ସେମାନେ ତାଙ୍କର ଉଚ୍ଚଶିକ୍ଷାକୁ କାଏମ ରଖିବା ପାଇଁ ସେହି ସମୟର ଡିଆଇ,ବିଇଓ,ଏବିଇଓ,ପ୍ରଧାନଶିକ୍ଷକଙ୍କ ନିକଟକୁ ଯାଇ ପିଛିଲା ତାରିଖରେ ଦସ୍ତଖତ କରି ଅନୁମତି ପତ୍ର ଆଣି ବିଇଓମାନଙ୍କୁ ପ୍ରଦାନ କରି ପଦୋନ୍ନତି ପତ୍ର ନେଉଛନ୍ତି ଏବଂ ଯେଉଁ ଅନୁମତି ପତ୍ରରେ କାର୍ଯ୍ୟାଳୟର ଚିଠି ନମ୍ବର ଓ ତାରିଖ ନାହିଁ । ପ୍ରଧାନଶିକ୍ଷକ କିପରି ବିଭାଗୀୟ ଅଧିକାରୀ ଥାଉ ଥାଉ ଉଚ୍ଚ ଶିକ୍ଷା ନିମନ୍ତେ ଶିକ୍ଷକମାନଙ୍କୁ ଅନୁମତି ଦେଇ ପାରୁଛନ୍ତି ଏହା ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏହିପରି ଅନୁମତି ପତ୍ରକୁ ରଦ୍ଦ ନକରି କିପରି ଗ୍ରହଣ କରାଯାଉଛି ତାହା ତଦନ୍ତ ସାପେକ୍ଷ ଅଟେ । ତେଣୁ ଏହି ତାଲିକାକୁ ସଂଶୋଧନ କରାଯାଇ ପଦୋନ୍ନତିରୁ ବ ିତ ହୋଇଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସାମିଲ କରିବା ପାଇଁ ପଦକ୍ଷେପ ନେବାକୁ ଶିକ୍ଷକମାନେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ।

# କେନ୍ଦୁଝର ଜିଲ୍ଲା ସଦର ମହକୁମା ଚିକିତ୍ସାଳୟରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ



କେନ୍ଦୁଝର(ପିଏନ)-ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ କେନ୍ଦୁଝର ଜିଲ୍ଲା ସଦର ମହକୁମାଠାରେ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ସ୍ୱାସ୍ଥ୍ୟ ସଚେତନତା ରଥକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ଅଶୋକ କୁମାର ଦାଶ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । ଏହି ରଥ ଜିଲ୍ଲାର ସମସ୍ତ ୧୩ ଗୋଟି ବ୍ଲକ୍‌କୁ ୭ ଦିନ ମଧ୍ୟରେ ପରିକ୍ରମା କରି ସଚେତନତା କରିବ । ଏଥି ସହିତ ଜିଲ୍ଲା ସଦର ମହକୁମା ଚିକିତ୍ସାଳୟଠାରେ ଜନ ସଚେତନତା ଉଦ୍ଦେଶ୍ୟରେ ଏକ ମାନସିକ ସଚେତନତା ହୋଡିଙ୍ଗ୍‌କୁ ମଧ୍ୟ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଉଦ୍‌ଘାଟନ କରିଥିଲେ । ଏହି ଉତ୍ସବରେ ଡି.ପି.ଏମ୍. ଦିଲ୍ଲିପ କୁମାର ଦୁବେ, ମାନସିକ ରୋଗ ଚିକିତ୍ସା ଅଧିକାରୀ ଡାଃ ନିହାର ରଂଜନ ରଥ ଓ ଡାଃ ସୁଶାନ୍ତ ମାଝୀ, ଡି.ପି.ଏଚ୍.ସି.ଓ. ପିତବାସ ମିଶ୍ର, ଏଡିପିଏଚସିଓ ଶ୍ରୀକାନ୍ତ ସେଠୀ, ଏସ୍.ଏ. ନୃସିଂହ ନାରାୟଣ ନନ୍ଦ, ଏସ୍.ଡବ୍ଲ୍ୟୁ. ବିକାଶ ମହାନ୍ତ ଓ ଗୋଷ୍ଠୀ ସେବିକା ଜୟନ୍ତି ଦାଶ, ସରୋଜ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଉଦ୍‌ଘାଟନ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Tuesday January 23 ଭୁବନେଶ୍ୱର ମଙ୍ଗଳବାର, ଜାନୁଆରୀ ୨୩,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ପଞ୍ଚମୁଖୀ ହନୁମାନ ମନ୍ଦିରରେ ସ୍ୱତନ୍ତ୍ର ଉତ୍ସବ ପାଳିତ

ଭୁବନେଶ୍ୱର, (ପି.ଏନ): ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଜୟଦେବ ବିହାର ବିକାଶ ପରିଷଦ ପକ୍ଷରୁ ସୋମବାର ଦିନ ପଞ୍ଚମୁଖୀ ହନୁମାନ ମନ୍ଦିର, ଲେନ୍ ନଂ-୫, ଜୟଦେବ ବିହାରରେ ଏକ ସ୍ୱତନ୍ତ୍ର ଉତ୍ସବ ପାଳନ କରାଯାଇଥିଲା। ରାମ ଚରିତ ମାନସ, ହୋମଯଜ୍ଞ, ଭଜନ କୀର୍ତ୍ତନ କରାଯିବା ସହିତ ମର୍ଯ୍ୟାଦାପୁରୁଷ ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ବଜରଙ୍ଗବାଲି ବେଶପୋଷାକରେ କୁନି କୁନି କଳାକାରମାନେ ମନ୍ଦିରୁ ବାହାରି ନଗର ପରିକ୍ରମା କରିଥିଲେ। ବିକାଶ ପରିଷଦର ସଭାପତି ମିହିର ରଞ୍ଜନ ରଥ ଓ ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ପଲେଇଙ୍କ ଆବାହକତ୍ୱରେ ଆୟୋଜିତ ଏହି ଉତ୍ସବରେ ରାଷ୍ଟ୍ରୀୟ ସ୍ୱୟଂ ସେବକ




ସଂଘ, ଭୁବନେଶ୍ୱର ଜିଲ୍ଲାର ପୂର୍ବତନ ଯୁଗ୍ମ ସଚିବ ସୁବ୍ରତ ତ୍ରିପାଠୀ, ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ଉପସଭାପତି ତଥା ବିକାଶ ପରିଷଦର ବରିଷ୍ଠ ଉପଦେଷ୍ଟା ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଡ. ଶକ୍ତିରମଣ ଜାମଲା, ସମାଜସେବୀ ମନୋଜ ରଥ ଓ ଯୁଧିଷ୍ଠିର ସାହୁ, ପରିଷଦର ଉପସଭାପତି ବିଭୂଦତ୍ତ ରାଉତ, ଯୁଗ୍ମ ସମ୍ପାଦକ ସ୍ମୃତିରଞ୍ଜନ ଦାସ, କୋଷାଧକ୍ଷା ଲୋପାମୁଦ୍ରା ମହାପାତ୍ର, ରାଜଶ୍ରୀ ରଥ, ଉର୍ମିଳା ରାଉତ, ମିନାକ୍ଷୀ ଷଡ଼ଙ୍ଗୀ, ସଲିଳା ନାୟକ, ସସ୍ମିତା ଦାସ, ମିନାକ୍ଷୀ ଦଳେଇ, ପ୍ରତିଭା ଦାଶ, ଶଶିକଳା ଦାସ, ମାନସ ରଞ୍ଜନ ରଥ, କିଶୋର ମହାପାତ୍ର, ରଣଜିତ ପଣ୍ଡା, ଦୁଃଶାସନ ସାହୁ ଓ ନକୁଳ ଚନ୍ଦ୍ର ଲେଙ୍କା ପ୍ରମୁଖ ଯୋଗ ଦେଇ ରାମଲାଲଙ୍କ ବିଷୟରେ ଆଲୋକପାତ କରିଥିଲେ। ଦିନବ୍ୟାପୀ ଏହି ଉତ୍ସବରେ ଭଜନ, କୀର୍ତ୍ତନ କରାଯାଇଥିଲା। ଏହି ଉତ୍ସବରେ ଆଖପାଖ ଅଞ୍ଚଳରୁ ବହୁ ଲୋକ ଯୋଗଦାନ କରିଥିଲେ।

## ପ୍ରଗତି ଓ ପରିବର୍ତ୍ତନ ସମାବେଶ ମାଧ୍ୟମରେ ଅଂଚଳର ବିକାଶ ପାଇଁ ସହଯୋଗ ଲୋଡ଼ିଲେ ବାପି ସାର୍ଖେଲ

ପାରାଦୀପ,(ପି.ଏନ): ରବିବାର ଦିନ ଅପରାହ୍ଣରେ ପାରାଦୀପ ଜୟଦେବ ସଦନ ପଡିଆରେ ପାରାଦୀପ ଅଂଚଳର ବିକାଶ ପାଇଁ ଜନସାଧାରଣଙ୍କ ସହାଯ୍ୟ ଓ ସହଯୋଗ ଲୋଡ଼ିଛନ୍ତି ଅରିନ୍ଦମ ସାର୍ଖେଲ (ବାପି) । ପାରାଦୀପ ବନ୍ଦର ପ୍ରତିଷ୍ଠା ହେବା ପର ଠାରୁ ସେ ଭଳି କିଛି ଆଖିଦୃଶିଆ କାର୍ଯ୍ୟ ହୋଇ ପାରିନାହିଁ । ଏଥି ପାଇଁ ପରିବର୍ତ୍ତନର ଆବଶ୍ୟକତା ରହିଛି । ପାରାଦୀପରେ ଇକୋ ରିଟ୍ରିଟ୍ ପ୍ରତିଷ୍ଠା କରିବା,ତିର୍ତ୍ତୋଲ ସୂତାକଳର ପୁର୍ନଉଦ୍ଧାର କରି ଟେକ୍ସଟାଇଲ୍ ପାର୍କରେ ପରିଣତ କରିବା, ପୁରୀ, ଚିଲିକା ଓ ପାରାଦୀପ ମଧ୍ୟରେ ସି ପ୍ଲେନ୍ ଚଳାଚଳ କରିବାର ଆବଶ୍ୟକତା ରହିଥିବା କୁହନ୍ତି ବାପି ସାର୍ଖେଲ। ପାରାଦୀପ ଅଂଚଳରେ ଗଢି ଉଠିଥିବା ବିଭିନ୍ନ ଶିଳ୍ପ ସଂସ୍ଥାରେ ପାରାଦୀପ ଅଂଚଳ ଶିକ୍ଷିତ ବେକାରମାନଙ୍କୁ ୭୫ ପ୍ରତିଶତ ହାରରେ ନିଯୁକ୍ତି ଦେବାକୁ ସେ ଦାବୀ କରିଥିଲେ । ପାରାଦୀପର ବିଭିନ୍ନ ସଂସ୍ଥାମାନଙ୍କରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କୁ ଦରମା ସମେତ ବାସଗୃହ ଭଳି ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବାକୁ ସେ ନିବେଦନ କରିଥିଲେ । ଏହି ସମାବେଶରେ ଆଇଏନଟିୟୁସି ଜିଲ୍ଲା ସଭାପତି କ୍ଷୀରୋଦ ଓଝା, ସୁରେଶ ଚନ୍ଦ୍ର ସାହୁ, ଅନୁପ କୁମାର ସାହାଣୀ, ନାରୀନେତ୍ରୀ ମୋନୀଦୀପା ସାର୍ଖେଲ ପ୍ରମୁଖ ପାରାଦୀପରେ ପ୍ରଗତି ଓ ପରିବର୍ତ୍ତନର ଆହ୍ୱାନ ଦେଇଥିଲେ।

## ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠାକୁ ନେଇ ସମଗ୍ର ଧାମନଗର ଅଞ୍ଚଳ ଉତ୍ସବ ମୁଖର



ଧାମନଗର ,(ପି.ଏନ): ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବ ମହା ସମାରୋହରେ ପାଳିତ ହୋଇଥିବାବେଳେ। ଧାମନଗର ବ୍ଲକ ଓ ଏନ୍ ଏ ସି ଅଞ୍ଚଳରେ ମଧ୍ୟ ପ୍ରଭୁ ଶ୍ରୀରାମଙ୍କ ଏହି ପ୍ରତିଷ୍ଠା ଦିବସକୁ ଖୁବ ଅନନ୍ଦଉତ୍ସାହ ଓ ଜାକଜମକରେ ପାଳନ କରାଯାଇଛି। ଏହି ଅବସରରେ ଧାମନଗର ସହରାଞ୍ଚଳ ଅଧିନ ଜୟୀନଗର ହନୁମାନ ଛକଠାରୁ ଦକ୍ଷିଣବାଡ ହନୁମାନ ମନ୍ଦିର ପର୍ଯ୍ୟନ୍ତ ସୁସଜ୍ଜିତ ପରିବ ?ଶ ଦେଖାଯାଇଥିବା ବେଳେ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଭୁ ଶ୍ରୀରାମ ନାମ ଗାନ କରାଯାଇଥିଲ। ଏହି ପରିପେକ୍ଷିରେ ରାମ ଭକ୍ତମାନେ ପ୍ରାୟ ଦିନ ୧୧ଟା ଘଟିକା ସମୟରେ ଜୟୀନଗର ସ୍ଥିତ ମହାବୀର ହନୁମାନଙ୍କ ପ୍ରତିମୂର୍ତ୍ତି ନିକଟରେ ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଏକାଠି ହୋଇ ପୂଜାର୍ଚ୍ଚନା କରିଥିଲେ। ପରବର୍ତ୍ତୀ ସମୟରେ ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଙ୍କ ନାମ ଧ୍ୱନି ଜୟ ଶ୍ରୀରାମ ଜୟ ଶ୍ରୀରାମ ଗାନ କରି ଧାମନଗର ବଜାର ପରିକ୍ରମା ସହ ଦକ୍ଷିଣବାଡ ସ୍ଥିତ ହନୁମାନ ମନ୍ଦିରରେ ପହଞ୍ଚି ସେଠାରୁ ଧାମନଗର ବ୍ଲକ ବଜାର ସ୍ଥିତ ପ୍ରଭୁ ଶ୍ରୀରାମଙ୍କ ମନ୍ଦିର ନିକଟରେ ପହଞ୍ଚିଥିଲେ। ଏହି ସମୟରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ରାମ ଭକ୍ତମାନଙ୍କର ଜୟ ଶ୍ରୀରାମ ଧ୍ୱନିରେ ସମଗ୍ର ଧାମନଗର ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା। ଶେଷରେ ରାମ ଭକ୍ତମାନେ ସେଠାରେ ଉପସ୍ଥିତ ରହି ପ୍ରସାଦ ସେବନ କରିଥିଲେ।ଏହି ଭବ୍ୟ କାର୍ଯ୍ୟକ୍ରମରେ ଧାମନଗର ଅଞ୍ଚଳର ପ୍ରମୁଖ ରାମ ଭକ୍ତ ତଥା ବିଜୟ ରାମ,ଶରତଚ୍ନ୍ଦ୍ର ମହାନ୍ତି, କୈଳାସ ମହାପାତ୍ର, କୃଷ୍ଣ ମହାପାତ୍ର, ମନୋଜ ମଲ୍ଲିକ,ସରୋଜ ମହାପାତ୍ର, ଶ୍ରୀଧର ବେହେରା ପ୍ରମୁଖଙ୍କ ସମେତ ବହୁ ରାମ ଭକ୍ତଏହି ବିଶାଳ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ପାରାଦୀପ ତୈଳ ବିଶୋଧନାଗାର ପରିସରରେ ପୁଷ୍ପ ପ୍ରଦର୍ଶନୀ

ପାରାଦୀପ,(ପି.ଏନ): ପାରାଦୀପ ତୈଳ ବିଶୋଧନାଗାର ପରିସରରେ ରବିବାର ଦିନ ୧୩ତମ ପୁଷ୍ପ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି । ଏହି ଅବସରରେ ବିଶୋଧନାଗାର ଅନ୍ତେବାସୀମାନେ ନିଜ ନିଜ ବଗିଚାରେ ପ୍ରସ୍ତୁତ କରିଥିବା ସୁନ୍ଦର ସୁନ୍ଦର ଫୁଲ ପ୍ରଦର୍ଶିତ କରିଥିଲେ । ପୁଷ୍ପ ପ୍ରଦର୍ଶନୀ ଉପଲକ୍ଷେ ଫୁଡ ବଜାର, ବାଣିଜ୍ୟ ମେଳାରେ ବହୁ ଲବ୍ଧ ପ୍ରତିଷ୍ଠିତ ସଂସ୍ଥାମାନେ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା । ବିଶୋଧନାଗାର କର୍ତ୍ତୃପକ୍ଷଙ୍କ ଏହି ସୁନ୍ଦର ଆୟୋଜନ ସମସ୍ତଙ୍କ ମନମୁଗ୍ଧ କରିଦେଇଥିଲା। ଆଗାମୀ ଦିନରେ ଏହି ଭଳି କାର୍ଯ୍ୟକ୍ରମ ଜାରୀ ରହିବ ବୋଲି ଡିଜିଏମ୍. ସଂଗ୍ରାମ ମିଶ୍ର ସୂଚନା ଦେଇଥିଲେ । ବିଶୋଧନାଗାର ସଦା ସର୍ବଦା ପାରିପାର୍ଶ୍ୱିକ ଉନ୍ନୟନ ସହିତ ଅଂଚଳର ସାମଗ୍ରୀକ ବିକାଶରେ ସାମିଲ ହୋଇଛି । ପାରାଦୀପ ତୈଳ ବିଶୋଧନାଗାର ପୂର୍ବ ଭାରତର ବିକାଶର ଦ୍ୱାର ହୋଇ ପାରିଥିବାରୁ ସେ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

## କିଟ୍ ଲ ସ୍କୁଲରେ ଏନଡିଆଇଇଏସ୍-୨୦୨୪ ଆଲୋଚନାଚକ୍ର



ଭୁବନେଶ୍ୱର,(ପି.ଏନ): କିଟ୍ ଲ ସ୍କୁଲରେ ସୋମବାର ପରିବେଶ ମାନବବିଜ୍ଞାନର ନୂତନ ଦିଗ ଓ ଚିନ୍ତାଧାରା ଉପରେ ଏକ ଅନ୍ତର୍ଜାତୀୟ ଆଲୋଚନାଚକ୍ର (ଏନଡିଆଇଇଏସ୍-୨୦୨୪) ଉଦ୍‌ଘାଟିତ ହୋଇଯାଇଛି। ଦୁଇ ଦିନ ଧରି ଚାଲିବାକୁ ଥିବା ଏହି ଆଲୋଚନାଚକ୍ରରେ ପରିବେଶ ମାନବବିଜ୍ଞାନ, ଗ୍ରୀନ୍ କ୍ରାଇମ୍, ଇକୋ-କ୍ରିଟିସିଜମ୍, ଇକୋ-ଫେମିନିଜମ, ସ୍ଥାୟୀ ବିକାଶ, ଜୈବ ବିବିଧତା ଓ ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ସାଂପ୍ରତିକ ବୈଶ୍ୱିକ ସମସ୍ୟା ଉପରେ ଆଲୋଚନା କରାଯିବ। ଏନଡିଆଇଇଏସ୍ -୨୦୨୪ର ଉଦ୍ଦେଶ୍ୟ ହେଉଛ 'ମାନବିକତା, ପରିବେଶ ଏବଂ ସାମାଜିକ ରାଜନୈତିକ ଗତିଶୀଳତା' ମନୁଷ୍ୟ ବଞ୍ଚିବା ଏବଂ ପରିବେଶ ସ୍ଥାୟିତ୍ୱକୁ ପ୍ରଭାବିତ କରୁଥିବା ସାମାଜିକ-ରାଜନୈତିକ ଏବଂ ଆଇନଗତ ଢାଞ୍ଚା ମଧ୍ୟରେ ପରସ୍ପର ସମ୍ପର୍କକୁ ଅନୁସନ୍ଧାନ କରିବା। କିଟ୍ ଲ ସ୍କୁଲ ନିର୍ଦ୍ଦେଶକ ପ୍ରଫେସର ଡ. ରୋଜ୍ ଭର୍ଗିସ୍ କହିଲେ, ଏନ୍‌ଡିଆଇଇଏସ୍ -୨୦୨୪ର ଉଦ୍ଦେଶ୍ୟ ହେଉଛି ମାନବିକତା ଏବଂ ପରିବେଶ ମଧ୍ୟରେ ସମ୍ପର୍କ ବିଷୟରେ ଆମର ବୁଝାମଣାକୁ ପୁନଃ ନିର୍ଦ୍ଧାରଣ କରିବା ଏବଂ ପରିବେଶ ଆହ୍ୱାନର ମୁକାବିଲା କରିବା। ଏହି ଆଲୋଚନାଚକ୍ର ଏକ ସ୍ଥାୟୀ ପରିବେଶ ଉପରେ ସେମାନଙ୍କର ପ୍ରଭାବକୁ ଆକଳନ କରିବ।ଉଦ୍‌ଘାଟନୀ ଉତ୍ସବରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କିସ୍ ଉପ-କୁଳାଧିପତି ପ୍ରଫେସର ଅମରେଶ୍ୱର ଗାଲା ଏବଂ ସଂସ୍କୃତି ମନ୍ତ୍ରାଳୟର ଆଇଜିଆରଏମ୍‌ଏସ୍ ନିର୍ଦ୍ଦେଶକ ପ୍ରଫେସର ଅମିତାଭ ପାଣ୍ଡେ, ଏନଡିଆଇଇଏସ୍-୨୦୨୪ର ଆବାହକ ଡ. ତୁଳିଶ୍ରୀ ପ୍ରଧାନ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ଆଲୋଚନାଚକ୍ରରେ ପରିବେଶ ମାନବବିଜ୍ଞାନ, ଆଇନ ଓ ରାଜନୀତିର ବିଶେଷଜ୍ଞ ଅଧ୍ୟାପକମାନେ ସାମିଲ ହୋଇଛନ୍ତି। ଏହି ଆଲୋଚନାଚକ୍ର ଏକ ସ୍ଥାୟୀ ଭବିଷ୍ୟତ ଦିଗରେ ପରିବର୍ତ୍ତନମୂଳକ ଆଲୋଚନା ଏବଂ ସହଯୋଗୀ ପ୍ରୟାସ ପାଇଁ ଏକ ମାଧ୍ୟମ ହେବ ବୋଲି ଉପସ୍ଥିତ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

## ବିଶିଷ୍ଟ ସ୍ତମ୍ଭକାର ସ୍ତମ୍ଭକାର ଅରୁଣ ପଣ୍ଡାଙ୍କ ବିୟୋଗରେ ଶୋକ

ଦର୍ପଣ, (ପିଏନ):ଜଣାଶୁଣା ରାଜ୍ୟର ବରିଷ୍ଠ ସ୍ତମ୍ଭକାର ତଥା ସାମ୍ବାଦିକ ଅରୁଣ ପଣ୍ଡାଙ୍କ(୭୬) ବିୟୋଗରେ ଚଣ୍ଡିଖୋଲ ଅଂଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି,ସ୍ୱର୍ଗତ ପଣ୍ଡା ବହୁବାର ବଡଚଣାର ବିଭିନ୍ନ ସାମାଜିକ,ସାଂସ୍କୃତିକ ଓ ଆଧାତ୍ମିକ କାର୍ଯ୍ୟରେ ବହୁବାର ଯୋଗଦେଇ ବଡ଼ଚଣା ବାସୀଙ୍କ ପ୍ରିୟପାତ୍ର ହୋଇପାରିଥିଲେ। ଛତିଆ ସୋଲର ସ୍ଥିତ ଉଦାଶ ଆଶ୍ରମକୁ ପ୍ରାୟ ସେ ବହୁବାର ଆସି ବାବା ସ୍ୱାମୀ ଜଙ୍ଗେଶ୍ୱରାନନ୍ଦ ମହାରାଜଙ୍କ ଆଶ୍ରିତ



ହେଇ ବିଭିନ୍ନ ଆଧାତ୍ମିକ କାର୍ଯ୍ୟରେ ଯୋଗଦେଉଥିଲେ.ଜଣେ ନିର୍ଭିକ ସାମ୍ବାଦିକ ଭାବେ ତାଙ୍କର ଯେତିକି ସୁନାମ ରହିଥିଲା ସେପରି ଜଣେ ସ୍ତମ୍ଭକାର ହିସାବରେ ତାଙ୍କର ସେତିକି ସୁନାମ ରହିଥିଲା.ନିଜ ଲେଖିନି ମୁନରେ ସମାଜରେ ଘଟୁଥିବା ଅପସଂସ୍କୃତି କିପରି ବିଲୋପ ହେବ ଆସେ ବିଷୟରେ ସେ ସଦା ସର୍ବଦା ଜାଗ୍ରତ ରହି ଲେଖିଆସୁଥିଲେ। ସମାଜର ସାଧାରଣ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରି ସମସ୍ତଙ୍କ ପ୍ରିୟପାତ୍ର ହୋଇପାରିଥିଲେ। ତାଙ୍କ ବିୟୋଗରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥି,ପୁର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର ,ଜିଲ୍ଲପରିଷଦ ସଭ୍ୟ ଅରବିନ୍ଦ ସାମଲ,ଯତୀନ୍ଦ୍ର ପ୍ରସାଦ ନାୟକ,ଚଣ୍ଡିଖୋଲ ପ୍ରେସ କ୍ଲବ ସମ୍ପାଦକ ଦିଲୀପ ମହାନ୍ତି,ଶିବରାମ ସାହୁ,ପ୍ରୟାଶ ଅନୁଷ୍ଠାନର ସଭାପତି ଭାରତ ଭୂଷଣ ଆଇନଜୀବୀ ଆଶିଷ କୁମାର ମହାପାତ୍ର,ସମ୍ପାଦକ ଭାରତ ଭୂଷଣ ପଣ୍ଡା,ସମାଜସେବୀ ପ୍ରସନ୍ନ ବିଶ୍ୱାଳ,ମୋହନ ଖିଲାର,ପ୍ରଶାନ୍ତ ଜେନା,ଆଇନଜୀବୀ ଦେବରାଜ ବେହେରା ,ଉଦୟନାଥ ସାହୁ, ପ୍ରମୁଖ ଗଭୀର ଶୋକ୍ୟକ୍ତ କରିଛନ୍ତି।

## ଆଚ୍ଛିଭର ତରଫରୁ ପ୍ରଶଂସା ସମାରୋହ 'ଜୟ ହୋ' ଅନୁଷ୍ଠିତ

କଟକ, (ପି.ଏନ): ଅଗ୍ରଣୀ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ଆଚ୍ଛିଭର ତରଫରୁ 'ଜୟ ହୋ' ସ୍ଥାନୀୟ ସମ୍ବିତ ସେଲିବ୍ରେସନ ମଣ୍ଡପ ଗୋପାଳପୁର, ଶ୍ରୀ କରୁଆଁଠାରେ ରବିବାର ସନ୍ଧ୍ୟାରେ ପ୍ରଶଂସା ସମାରୋହ 'ଜୟ ହୋ' ଅନୁଷ୍ଠିତ ହୋଇଯାଇଛି । ସମାରୋହକୁ ଆନୁଷ୍ଠାନିକ ଭାବେ ବରିଷ୍ଠ ଆଇନ ବିଶାରଦ ଜୟଦେବ ପତି ମହୋଦୟ ଉଦଘାଟନ କରିଥିଲେ । ଉକ୍ତ ସମାରୋହରେ ୨୩- ୨୪ବର୍ଷ ପାଇଁ ବିଶିଷ୍ଟ ଫୁଟବଲ୍ ତାରକା ଖେଳାଳୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆହୁରି ମଧ୍ୟ ଏହି ସମାରୋହରେ ଆଚ୍ଛିଭର ଅନୁଷ୍ଠାନର ଉପଦେଷ୍ଟା ସୁପ୍ରିମକୋର୍ଟର ଆଇନଜୀବୀ ପ୍ରଭୁ ପ୍ରସନ୍ନ ବେହେରାଙ୍କ ଦ୍ୱାରା ରଚ୍ଛିତ (ମୁନିସପାଲ କର୍ପ ?ରେଶନ ମାନୁଆଲ) ପୁସ୍ତକ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ଉନ୍ମୋଚ୍ନ କରାଯାଇଥିଲା । ଏହି ସମାରୋହରେ



ବରିଷ୍ଠ ଅତିଥିମାନଙ୍କ ମଧ୍ୟରେ କଟକ ଜୋନ ୪ ଏସପି ଚ୍ନଦନ ଘଡ଼ ?ଇ, ମଙ୍ଗଳାବାଗ ଥାନା ଆଇଆଇସି ସୁଧାଂଶୁ ଭୂଷଣ ଜେନା , କଟକ ସଦର ଥାନା ଆଇଆଇସି ରଶ୍ମିରଞ୍ଜନ ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରତାପ ଚ୍ନ୍ଦ୍ର ବେହେରା, ମାନବାଧିକାର କମିଶନ ସଦସ୍ୟ ପ୍ରଦୀପ ବେହେରା(ଲକି) ଏବଂ କୁମାର ଲାଇଟ ସାଉଣ୍ଡର ପ୍ରୋପାଇଟର ନରେନ୍ଦ୍ର କୁମାର ସାହୁଙ୍କ ସମେତ ଆଚ୍ଛିଭର ଅନୁଷ୍ଠାନର ବରିଷ୍ଠ ସଦସ୍ୟ କୀର୍ତ୍ତିରଞ୍ଜନ ପାତ୍ର, ସାରଦା ବେହେରା, ସମ୍ପାଦକ ଅମ୍ବିକା ବେହେରା, ବାସୁଦେବ ବେହେରା, କିଶୋର ବେହେରା, ସନ୍ତୋଷ କୁମାର ସାହୁ ଏବଂ ମିଡ଼ିଆ କୋର୍ଡ଼ିନେଟର ଲକ୍ଷ୍ମୀନାରାୟଣ ସାହୁ(ଲାଲୁ) ସଭାକୁ ପରିଚ୍ଳାଳନା କରିଥିଲେ ।




Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray